# ବାସିଫୁଲରୁ ପ୍ରସ୍ତୁତ ହେଉଛି ସୁଗନ୍ଧିତ ଅଗରବତି

**ସମ୍ବଲପୁର, ୧୪।୧(ସମିସ)**

ସୁଧାର ଗୃହରେ ରହୁଥିବା ଅସହାୟ ମହିଳାମାନଙ୍କୁ ନେଇ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ତିଆରି



ହେଉଛି ଅଗରବତୀ। ବାସି ଫୁଲରୁ ପ୍ରସ୍ତୁତ ହେଉଛି ସୁଗନ୍ଧିତ ଅଗରବତୀ। ଅଗରବତୀ ସେମାନଙ୍କୁ କରିଛି ଆତ୍ମନିର୍ଭରଶୀଳ। ଆଜି ଚର୍ଚ୍ଚାରେ ରହିଛନ୍ତି ସମ୍ବଲପୁର ସ୍ୱଧାର ଗୃହରେ ରହୁଥିବା ଅସହାୟ ମହିଳାମାନେ। ଅଗରବତୀ ପ୍ରସ୍ତୁତ କରି ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ସମ୍ବଲପୁର ଧନକଉଡ଼ାରେ ରହିଛି ସ୍ୱଧାର ଗୃହ। ଏଠାରେ ମୁଖ୍ୟତଃ ଅସହାୟ ମହିଳାମାନେ ରହିନ୍ତି। ସେମାନଙ୍କ ଆର୍ଥିକ ଓ ସମାଜିକ କ୍ଷେତ୍ରରେ ବିକାଶ କରିବା ପାଇଁ ଏହି ସ୍ୱଧାର ଗୃହର ଅନ୍ତେବାସୀଙ୍କୁ ନେଇ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଥିଲା। ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର ଆରମ୍ଭ କରାଯାଇଛି। ସ୍ୱଧାର ଗୃହର ଅନ୍ତେବାସୀ ମହିଳାମାନେ ଏଠାରେ ଅଗରବତୀ ତିଆରି କରୁଛନ୍ତି। ତେବେ ଅଗରବତୀ ପାଇଁ ସବୁଠାରୁ ବେଶୀ ଆବଶ୍ୟକ ହୁଏ ଫୁଲ। ଯାହାକି ସେମାନେ ବିଭିନ୍ନ ମନ୍ଦିରରୁ ଆଣୁଛନ୍ତି। ମନ୍ଦିରରେ ଭଗବାନଙ୍କ ପାଖରେ ପୂଜା ହେବାପରେ ପରଦିନ ବାସି ଫୁଲକୁ ପୂଜକ ମାନେ ହଟାଇ ଦିଅନ୍ତି। ଏହାକୁ ଆଣି କଞ୍ଚାମାଲ ଭାବେ ବ୍ୟବହାର କରିଥାନ୍ତି। ବାସି ଫୁଲକୁ ଉତ୍ପାଦନ କେନ୍ଦ୍ରକୁ ଅଣାଯାଇ ଏହାକୁ ଭଲ ଭାବେ ଶୁଖାଯାଉଛି। ଏହାପରେ ଏହାକୁ ୨ପ୍ରକାର ଗ୍ରାଇଣ୍ଡର ମେସିନରେ ଗୁଣ୍ଡ କରାଯାଇଥାଏ। ପରେ ଏହି ଗୁଣ୍ଡରେ ପ୍ରାକୃତିକ ଅଠା ମିଶ୍ରଣ କରାଯାଇ ଅଗରବତୀ ତିଆରି ମେସିନ ସାହାଯ୍ୟରେ ଅଗରବତୀ ତିଆରି କରୁଥିବା କହିଛନ୍ତି ସ୍ୱଧାର ଗୃହର ଅନ୍ତେବାସୀ। ତେବେ ମିଶନ ଶକ୍ତି ଦ୍ୱାରା କ୍ଷମତାପନ୍ନ ଏହି ପଦକ୍ଷେପ ଦ୍ୱାରା ଦୁର୍ଭାଗ୍ୟଜନକ ପରିସ୍ଥିତିର ଶିକାର ହୋଇଥିବା ତଥା ଜୀବନର ଅନ୍ଧକାର ପର୍ଯ୍ୟାୟରୁ ଆଗକୁ ବଢ଼ିବା ପାଇଁ ସହାୟତା ଆବଶ୍ୟକ କରୁଥିବା ମହିଳାମାନେ ସଶକ୍ତ ହୋଇପାରିଛନ୍ତି। ଏହା ଦ୍ୱାରା ଅସହାୟ ମହିଳାମାନେ ନିଜ ବିଶ୍ୱାସକୁ ଫେରି ପାଇବା ସହ ଏକ ସମ୍ମାନଜନକ ଜୀବନ ଯାପନ କରିବାର ସୁଯୋଗ ପାଇଛନ୍ତି। ଏହା ସେମାନଙ୍କୁ ଖାଦ୍ୟ, ଆଶ୍ରୟ, ପୋଷାକ ଭଳି ମୌଳିକ ସୁବିଧା ଯୋଗାଇ ଦେବା ସହ ସେମାନଙ୍କୁ ଅର୍ଥନୈତିକ ଏବଂ ସାମାଜିକ ନିରାପତ୍ତାର ଏକ ଭାବନା ଯୋଗାଉଛି। ସୁଗନ୍ଧିତ ଧୂପଅନେକ କ୍ଷେତ୍ରରେ ବାସି ଫୁଲକୁ ବର୍ଜ୍ୟବସ୍ତୁ ଭାବେ

## ଅଗରବତି କରିଛି ଆତ୍ମନିର୍ଭରଶୀଳ

ରାସ୍ତା କଡରେ ବା ଗଳିମାନଙ୍କରେ ବଡ଼ ବଡ଼ ଗଦାରେ ଛାଡି ଦିଆଯାଇଥାଏ। ଯାହାକି ଅତିରିକ୍ତ ଅଙ୍ଗାରକାମ୍ଳ ନିର୍ଗତ କରିବା ସହିତ ଅନ୍ୟାନ୍ୟ ପ୍ରକାରର ବାୟୁ ଏବଂ ମୃତ୍ତିକା ପ୍ରଦୂଷଣ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହି ଅନନ୍ୟ ଉତ୍ପାଦନ ପ୍ରକ୍ରିୟାରେ 'ମା ସମଲେଶ୍ୱରୀ ମନ୍ଦିର'ରୁ ବାହାରୁଥିବା ବାସି ଫୁଲର ବ୍ୟବହାର କରି ଏହି ଉତ୍ପାଦକ ୟୁନିଟ୍ ସେହି ସମସ୍ୟାର ସମ୍ପୂର୍ଣ୍ଣ ରୂପେ ସମାଧାନ କରି ପାରିଛନ୍ତି। ଏହି ଅଗରବତୀ ଉତ୍ପାଦକ ୟୁନିଟ ଦୈନିକ ୩୦୦ କିଲୋଗ୍ରାମ ବର୍ଜ୍ୟ ଫୁଲର ପ୍ରକ୍ରିୟାକରଣ କରିବାରେ ସକ୍ଷମ ହୋଇ ପାରିଛନ୍ତି। ୟୁନିଟରେ ଗ୍ରାଇଣ୍ଡିଂ ମେସିନ, ଧୂପ ଏବଂ ଅଗରବତୀ ମେସିନ୍, ପ୍ୟାକେଜିଂ ଇତ୍ୟାଦି ପାଇଁ ବିଭିନ୍ନ ମେସିନ ଅଛି। ଏହି କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନେ ସମସ୍ତ ଆବଶ୍ୟକୀୟ କ୍ଷେତ୍ରରେ ପ୍ରଶିକ୍ଷଣ ଗ୍ରହଣ କରିସାରିଛନ୍ତି। ଯାହାକି ସେମାନଙ୍କୁ କୌଶଳୀ କରିବା ସହ କୌଣସି ଅସୁବିଧାର ସାମ୍ନା ନକରି ଜୀବିକା ନିର୍ବାହ ପାଇଁ ମଧ୍ୟ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିଛି। ଏହା ସହ ଏହି ଉତ୍ପାଦର ବିକ୍ରୟ ପାଇଁ ବିଭିନ୍ନ ଲିଂକେଜ ମଧ୍ୟ କରାଯାଇଛି। ଏହି ପଦକ୍ଷେପ ପାଇଁ ସମ୍ବଲପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ସମ୍ବଲପୁର ମହାନଗର ନିଗମ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଉଛି। ଅକ୍ଟୋବର ୨୧ ତାରିଖ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠି ଏହି କେନ୍ଦ୍ରକୁ ଗସ୍ତ କରି ମହିଳା ମାନଙ୍କୁ ପ୍ରଶଂସା କରିଥିଲେ।




# ରେଙ୍ଗାଲି ମହୋତ୍ସବ ଉଦ୍‌ଯାପିତ




**ରେଙ୍ଗାଲି, ୧୪।୧(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ ଦୁଇଦିନ ଧରି ରେଙ୍ଗାଲି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଳା, ସଂସ୍କୃତିର ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ନେଇ ଦୁଇଦିନ ଧରି ଉତ୍ସବ ପାଳନ କରିଥିଲେ। ପ୍ରଥମ ଦିବସରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ରାମଚନ୍ଦ୍ର ନଗର ଠାରୁ ଆରମ୍ଭ ହୋଇ ରେଙ୍ଗାଲି ଟ୍ରକ ମାଲିକ ସଂଘ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏଥିରେ ତାରାକାନ୍ତ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରି ପରିଚୟର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଆଦିତ୍ୟ ଆଲୁମିନିୟମ୍ ହିଣ୍ଡାଲକୋ ଲପଙ୍ଗା ସିଏସ୍‌ଆର୍ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ବେହେରା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରି କରିଥିଲେ।

## କଳା, ସଂସ୍କୃତିର ଉନ୍ନତି ପାଇଁ ସଂକଳ୍ପ

ପରେ ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ରେଙ୍ଗାଲି ଦୁର୍ଗା ମନ୍ଦିରରୁ ପୂଜାର୍ଚ୍ଚନା କରି ଆରମ୍ଭ ହୋଇ ରେଙ୍ଗାଲି ଟ୍ରକ ମାଲିକ ସଂଘ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୨୦ଗୋଟି ସାଂସ୍କୃତିକ ଦଳ ଭାଗ ନେଇ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରି ନାଏକ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରମାକାନ୍ତ ବିଶ୍ୱାଳ, ଡ଼. ଚନ୍ଦ୍ରକାନ୍ତ କର ଅତିଥି ରୂପେ ଯୋଗଦାନ କରି ରେଙ୍ଗାଲି ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ କଳା ସଂସ୍କୃତିର କିପରି ଉନ୍ନତି ହୋଇପାରିବ ସେ ଦିଗରେ କହିଥିଲେ। ମହୋତ୍ସବରେ ଅଞ୍ଚଳର କଳା ସଂସ୍କୃତି ଉପରେ ରୁଚି ରଖିଥିବା ଭୋପାଳ ବାରଭିଆ, ବୈକୁଣ୍ଠନାଥ ସୁନାନୀ, ସରସ୍ୱତୀ ସାଲିମା ଏବଂ ବିଶିଷ୍ଟ ସମାଜସେବୀ ଶଶୀଭୂଷଣ ସାହୁଙ୍କୁ ସଙ୍ଗଠନ ପକ୍ଷରୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଦିବସରେ ବକ୍ତୃତା ପ୍ରତିଯୋଗିତା, ରଙ୍ଗୋଲି ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହିତ ଆଧୁନିକତା ଓ ଲୋକକଳା ଶୀର୍ଷକ ଏକ ଆଲୋଚନାଚକ୍ର ସଂଗଠନର ସଭାପତି ରାଜିବ କୁମର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସୁବ୍ରତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ନାଉରି ନାଏକ ମୁଖ୍ୟ ଅତିଥି, ସତ୍ୟନାରାୟଣ ଅଗ୍ରୱାଲ ସମ୍ମାନିତ ଅତିଥି ଏବଂ ଚୋଳଶ୍ରୀ ମହାନନ୍ଦ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର କଳା ସଂସ୍କୃତିରେ ସୁନାମ ଅର୍ଜନ କରିଥିବା ସଂଗୀତକାର, ଲେଖକ, ତଥା ସମାଜ ପ୍ରତି ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷ ଯଥା ଡ଼.ଗୌରୀଦାସ ପଧାନ, ପ୍ରହଲ୍ଲାଦ ନାଏକ, ଉମେଶ ଭୋଇ, ଅଙ୍କିତ ସାହୁ ଏବଂ ସୁବ୍ରତ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ରାଜୀବ ମିଶ୍ର, ଉପସଭାପତି ଅମିତ ସାହୁ, କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇ, ସରୋଜ ବିଶୋଇ, ରଜନୀକାନ୍ତ ଶର୍ମା, ନୀତିଶ ଅଗ୍ରୱାଲ, ଅନିଲ ଗଏଲ, ପ୍ରଫୁଲ୍ଲ ଗହୀର, ରାଜେଶ ଚଇନି, ସନ୍ଦୀପ ଶର୍ମା, ଶିବାନୀ ମେହେର, ଦୁର୍ଗାପୂଜା କମିଟି ରାମଚନ୍ଦ୍ର ନଗର, ସେବା ସମ୍ବଲପୁର ଯୋଗଦାନ କରିବା ସହିତ ସହଯୋଗ କରିଥିଲେ।

# ବୁଲୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## ବଡେମୁରା ଚାମ୍ପିଅନ

**ସମ୍ବଲପୁର, ୧୪।୧(ସମିସ):**ଧମା ଝାଡେଶ୍ୱରୀ କ୍ଲବ ଆନୁକୂଲ୍ୟରେ ହେଉଥିବା ପଞ୍ଚଦିବସୀୟ ବୁଲୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଡେମୁରା ଓ ମାନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ବଡେମୁରା ଚାମ୍ପିଅନ ହୋଇଥିବା ବେଳେ ମାନେଶ୍ୱର ଉପବିଜେତା ଭାବରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଉପ ବିଜେତା ଦଳ ଓ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଧମା ସରପଞ୍ଚ ଲଳିତା ପ୍ରଧାନ, ହୁମା ସରପଞ୍ଚ ଇଲାବତୀ ପୁଝାରୀ, ଦେଓଗାଁ ସରପଞ୍ଚ ସରସ୍ୱତୀ ରାଉତ, ଗୋବିନ୍ଦ ପଟନାୟକ, ପରମା ନନ୍ଦ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସୁବ୍ରତ ମିଶ୍ର, ବିରେନ ରଣା, ଦେବାଶିଷ ଭୋଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳମଣି କଠାର, ପ୍ରଭାତ ମେହେର, ଶିବ ରେଡି, ରାଜେଶ ଲହରିଆ, ଆକାଶ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# କୈଶୋର ସ୍ୱାସ୍ଥ୍ୟ ଓ ବାଲ୍ୟବିବାହ ସଚେତନତା ଶିବିର



**କୁଚିଣ୍ଡା, ୧୪।୧(ସମିସ):** କୈଶୋର ବୟସ ହିଁ ସମୃଦ୍ଧ ଭବିଷ୍ୟତର ମାପକାଠି। ଏହି ବୟସରେ ନିଜର ସ୍ୱାସ୍ଥ୍ୟ, ଆଚାର-ବ୍ୟବହାର, ଚାଲି-ଚଳନ, ଖାଦ୍ୟ-ପେୟ, ଶିକ୍ଷା-ଦୀକ୍ଷା ପ୍ରଭୃତି ଦିଗରେ ସଚେତନ କୈଶୋର ଯୁବକ-ଯୁବତୀଙ୍କ ଭବିଷ୍ୟତ ପାଇଁ ସୁନାଗରିକର ପରିଚୟ ତୋଳିବାର ପ୍ରକୃଷ୍ଟ ସମୟ। ଏପରିକି ବାଲ୍ୟ ବିବାହର ଅପକାରିତା, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଭଳି କୈଶୋର ସଚେତନତା ସୁସ୍ଥ ସମାଜର ପରିଚାୟକ ବୋଲି ବରିଷ୍ଠ ତାଲିମଦାତା ଡା.ରାଜାରାମ ଷଡଙ୍ଗୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଜମନକିରା ବ୍ଲକ ଅନ୍ତର୍ଗତ ଟିଁକିଲିପଡ଼ା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଘୋଷରାଗୁଡା ଠାରେ ସମ୍ବଲପୁର ସମ୍ମନ୍ୱିତ ବିକାଶ ସଂସ୍ଥା ପକ୍ଷରୁ ଆୟୋଜିତ କୈଶୋର ସ୍ୱାସ୍ଥ୍ୟ ସଚେତନତା ସଭାରେ ଏଭଳି ଆଲୋଚନା ହୋଇଛି। ସଭା ପ୍ରାରମ୍ଭରେ କଟଙ୍ଗପାନି ସିଏସଡବ୍ଲୁ ପ୍ରଦୀପ୍ତ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଟିଁକିଲିପଡ଼ା ସିଏସଡବ୍ଲୁ ଶୋଭାଙ୍ଗିନି ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଏହି ସଚେତନା ଶିବିରେର ୪୦ରୁ ଊର୍ଦ୍ଧ୍ୱ କୈଶୋର ବୟସର କିଶୋର କିଶୋରୀ ମାନେ ତାଲିମ ନେଇ ଶେଷରେ ବାଲ୍ୟ ବିବାହ ବିରୋଧରେ ମିଳିତ ଭାବେ ଶପଥ ଗ୍ରହଣ କରିଥିଲେ।

# ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢଉ

**ସମ୍ବଲପୁର, ୧୪।୧(ସମିସ):** ଅବକାରୀ ବିଭାଗ ଆକ୍ସନ ମୁଡରେ ଆସିଛି। ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଅବକାରୀ ବିଭାଗ ଚଢଉ କରି ଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ସମ୍ବଲପୁର ସହର ସବୁବେଳେ ନିଶା କାରବାର ପାଇଁ ଚର୍ଚ୍ଚାରେ ରହିଥାଏ। ସେ ଦେଶୀ ମଦ ପାଉଚ ହେଉ କି କଫ ସରିଫ ଜବତ ଘଟଣା ହେଉ ପ୍ରତି ଦିନ ଛୋଟ ବଡ ଘଟଣା ଜଣାପଡ଼ିଥାଏ। ସେହିପରି ଭାବରେ ଆଜି ଅବକାରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଶୀ ମଦ ଜବତ କରିଛି। ଶାସନସ୍ଥିତ ଝାରଘାଟି ଜଙ୍ଗଲରୁ ଦେଶୀ ମଦ ରନ୍ଧା ହେଉଥିବା ବେଳେ ଚଢଉ କରିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ସେହିପରି ନାକଟିଦେଉଳ ସଲେଇଭଟା ଗ୍ରାମ ପଞ୍ଚାୟତ, ଠେଲକଲୋଇ ବେଉଁରା ଜଙ୍ଗଲ, ଗୋବିନ୍ଦପୁର ବାମରା ଯୋଗୀମୁଣ୍ଡା ଗ୍ରାମ ଓ ଜମନକିରା ବ୍ଲକ ବରହା ମୁଣ୍ଡି ଗ୍ରାମରୁ ଦେଶୀ ମଦ ଜବତ କରାଯାଇଛି। ବିପୁଳ ମାତ୍ରାରେ ଦେଶୀ ମଦ ଜବତ କରାଯାଇଥିବା ଅନୁମାନ କରାଯାଇଛି। ଖବର ଲେଖିବା ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ସଠିକ ସୂଚନା ପ୍ରଦାନ କରାଯାଇନାହିଁ।

# ବିଜେପି ମହିଳା ମୋର୍ଚ୍ଚା ବୈଠକ

**ସମ୍ବଲପୁର, ୧୪।୧(ସମିସ):** ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ମହିଳା ମୋର୍ଚ୍ଚାର ଶକ୍ତି କେନ୍ଦ୍ର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ମହିଳା ମୋର୍ଚ୍ଚା ସମ୍ବଲପୁର ଜିଲ୍ଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ସଭାପତିତ୍ୱ କରିଥିଲେ। ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଯୋଗ ଦେଇଥିଲେ। ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ତଥା ସାମାଜିକ ଗଣମାଧ୍ୟମ ପ୍ରଭାରୀ ସୁଚିସ୍ମିତା ତ୍ରିପାଠୀ ଓ ବିଦ୍ୟୁତପ୍ରଭା ଯୋଶୀ, ପୂର୍ବତନ ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା



ମୁକ୍ତା ସାହୁ, ପୂର୍ବତନ ସମ୍ବଲପୁର ଜିଲ୍ଲ ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ସଂଯୁକ୍ତା ପ୍ରଧାନ, ପ୍ରଭାସିନି ଦାଶ, ଜିଲ୍ଲା ଉପସଭାନେତ୍ରୀ ସୁଷମା ସାହୁ, ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ରୁକୁଣୀ ମହାନନ୍ଦ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ଜିଲ୍ଲା ସାଧାରଣ ସଂପାଦକ ଆଶିଷ ହୋତା ମଞ୍ଚାସୀନ ଥିଲେ। ଆଗମୀ ଦିନରେ ମହିଳା ମୋର୍ଚ୍ଚାକୁ ଆହୁରି ସଂଗଠିତ ଓ ସକ୍ରୀୟ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୨୨ରେ ଅଯୋଧ୍ୟା ଠାରେ ହେବାକୁ ଥିବା ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ କିଭଳି ସମସ୍ତ ମନ୍ଦିରରେ ଭଜନ କୀର୍ତ୍ତନ, ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇ ପାରିବ ଓ ତତ୍ ସହିତ ପ୍ରତ୍ୟେକ ଘରେ ଦିପୋତ୍ସବ ପାଳନ କରାଯିବ ସେଥିପାଇଁ ମହିଳା ମୋର୍ଚ୍ଚା ଗୁରୁଦାୟିତ୍ୱ ବହନ କରିବାକୁ ଅନୁରୋଧ କରିଥିଲେ ବିଧାୟକ ନାଉରୀ ନାୟକ।

# ଭୋଇପାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଝାଙ୍କରପାଲି ଚାମ୍ପିଅନ



**ସମ୍ବଲପୁର, ୧୪।୧(ସମିସ):** ସମ୍ବଲପୁର ମହାନଗର ନିଗମ ଭୋଇପାଲି ଗ୍ରାମ ଜୟ ଜଗନ୍ନାଥ କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରଥମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଠାକୁରମାଲ ଦଳ ଓ ଝାଙ୍କରପାଲି ମଧ୍ୟରେ ହୋଇଥିଲା। ଟସ୍ ଜିଣି ପ୍ରଥମେ ଠାକୁରମାଲ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ୯୧ ରନର ବିଜୟ ଟାର୍ଗେଟ ନେଇ ଝାଙ୍କରପାଲି ଦଳ ମାତ୍ର ୫ ଓଭରରେ ୩ୱିକେଟ ହରାଇ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ଜିଲ୍ଲା ସଂପାଦକ ଜଗନ୍ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଓ ବିଜେଡି ମାନେଶ୍ୱର ଜୋନ ୧ ସଂଯୋଜକ ଆର୍ତ୍ତତ୍ରାଣ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସୁନିଲ ପ୍ରଧାନ, ସୁରେନ୍ଦ୍ର ମୁଣ୍ଡା, ମନୋରଞ୍ଜନ ପ୍ରଧାନ, ବିଶିକେଶନ ଗଡ଼ିଆ, ବିନୟ ବଡ଼ପଣ୍ଡା, ପ୍ରମୋଦ ପାଣ୍ଡେ, ଲିପୁନ୍ ପଣ୍ଡା, ରବି ମାଝୀ, ଆଶିଷ ଧରୁଆ, ଶାନ୍ତି ସାହୁ, ମହେନ୍ଦ୍ର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠ କନ୍ଧରା ଓ ପ୍ରାପ୍ତିପୀଠ ମଧୁପୁର ରୂପାନ୍ତରିତ

**ରେଢ଼ାଖୋଲ, ୧୪।୧(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ଗ୍ରାମ ପଞ୍ଚାୟତ ଅଧୀନ କନ୍ଧରା ଗ୍ରାମ ଠାରେ ସନ୍ଥ କବି ଭୀମଭୋଇଙ୍କ ସ୍ମୃତି ପୀଠ ଓ ମଧୁପୁର ଗ୍ରାମ ଠାରେ ଭୀମଭୋଇଙ୍କ ପ୍ରାପ୍ତି



ପୀଠ ସାରା ଓଡ଼ିଶାର ଗର୍ବ ଓ ଗୌରବ। ପୂର୍ବରୁ ଅବହେଳିତ ଅବସ୍ଥାରେ ରହି ଆସୁଥିଲା। ଏଥିରେ ରେଢ଼ାଖୋଲ ଅଞ୍ଚଳର ଜନସାଧାରଣ ସନ୍ଥ କବି ଭୀମଭୋଇଙ୍କ ସ୍ମୃତିପୀଠ ଓ ପ୍ରାପ୍ତିପୀଠର ଉନ୍ନତି କରଣ କାର୍ଯ୍ୟ ପାଇଁ ଦାବି କରି ଆସୁଥିଲେ। ରେଢ଼ାଖୋଲ ଅଞ୍ଚଳର ଜନସାଧାରଣଙ୍କ ଭକ୍ତି ଓ ଶ୍ରଦ୍ଧାକୁ ସମ୍ମାନ ଦେଇ ୨୦୧୬ ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଥର ୫୦ଲକ୍ଷ ଓ ଦ୍ୱିତୀୟ ଥର ୧ କୋଟି ୫୦ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର କରିଥିଲେ। ଏଥିରେ ସନ୍ଥ କବି ଭୀମଭୋଇଙ୍କ ସ୍ମୃତିପୀଠ ଠାରେ କିଛି ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା। ଏହାପରେ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୦୨୩ ମସିହା ଜୁଲାଇ ମାସ ୧୬ ତାରିଖରେ ରେଢ଼ାଖୋଲ ଗସ୍ତରେ ଆସି ସନ୍ଥ କବି ଭୀମଭୋଇଙ୍କ ସ୍ମୃତିପୀଠ ରୂପାନ୍ତରିତ ପାଇଁ ୧୦କୋଟି ଟଙ୍କା ବ୍ୟୟ ଅଟକଳ ଆର୍ଥିକ ଅନୁଦାନ ମଞ୍ଜୁର ଘୋଷଣା କରିଥିଲେ। ସେହିପରି ଭୀମଭୋଇଙ୍କ ପ୍ରାପ୍ତିପୀଠ ରୂପାନ୍ତରିତ ପାଇଁ ୨ କୋଟି ୫୦ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର ଘୋଷଣା କରିଥିଲେ। କନ୍ଧରା ଗ୍ରାମ ସ୍ଥିତ ଭୀମଭୋଇଙ୍କ ସ୍ମୃତି ପୀଠ ଠାରେ ମହିମା ଧର୍ମାବଲମ୍ବୀ ସାଧୁସନ୍ଥଙ୍କ ରହିବା ପାଇଁ ଆଶ୍ରମ, ଏକ ଅତ୍ୟାଧୁନିକ ପାର୍କ, ପର୍ଯ୍ୟଟକ ମାନଙ୍କ ପାଇଁ ଲାଟିନ ଓ ବାଥରୁମ, ଭୋଗ ମଣ୍ଡପ, ଭୀମଭୋଇ ଙ୍କ ବିରାଟ ପ୍ରତିମୂର୍ତ୍ତି, ବିଭିନ୍ନ ଦିଗରେ ଗେଟ୍ ନିର୍ମାଣ ସମେତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସେଥିପରି ମଧୁପୁର ଗ୍ରାମ ସ୍ଥିତ ଭୀମଭୋଇଙ୍କ ପ୍ରାପ୍ତି ପୀଠ ଉନ୍ନତି କରଣ ରୂପାନ୍ତରିତ ପାଇଁ ଚାରି ଦିଗରେ ପାଚେରୀ ନିର୍ମାଣ, ସାଧୁ ସନ୍ଥ ରହିବା ପାଇଁ ଆଶ୍ରମ ନିର୍ମାଣ, ଏକ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ମଧୁପୁର ଗ୍ରାମ ପ୍ରାପ୍ତି ପୀଠକୁ ପ୍ରବେଶ ଦ୍ୱାରରେ ଏକ ବିରାଟ ଗେଟ୍ ନିର୍ମାଣ ସମେତ ବିଭିନ୍ନ ପ୍ରକାର ଉନ୍ନତି କରଣ କାର୍ଯ୍ୟ କରାଯିବ। ଏହି ଉନ୍ନତି କରଣ ରୂପାନ୍ତରିତ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସ୍ମୃତି ପୀଠ ଠାରେ ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ବାବା କହିଥିଲେ ଯେ ଆମ ଶ୍ରଦ୍ଧା ଓ ବିଶ୍ୱାସ କୁ ରାଜ୍ୟ ସରକାର ସମ୍ମାନ ଦେଇଛନ୍ତି। ଏହି ଆର୍ଥିକ ଅନୁଦାନ ଯୋଗୁଁ ସ୍ମୃତି ପୀଠ ଓ ପ୍ରାପ୍ତି ପୀଠ ସହିତ ଏ ଅଞ୍ଚଳର ବିକାଶ ନିଶ୍ଚିତ ହେବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେହିପରି ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ କହିଥିଲେ ଯେ ରେଢ଼ାଖୋଲ ଜନ ସାଧାରଣ ଏହି ଦ୍ୱୟ ପୀଠ ଉନ୍ନତି କରଣ କାର୍ଯ୍ୟ ପାଇଁ ଦାବି କରିଆସୁଥିଲେ। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଏହା ପୂରଣ କରିଥିବାରୁ ତାଙ୍କୁ ରେଢ଼ାଖୋଲବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ରେଢ଼ାଖୋଲ ବ୍ଲକ ବିଜେଡ଼ି ସଭାପତି ଉଦିତ ତ୍ରିପାଠୀ କହିଥିଲେ ଯେ ରାଜ୍ୟ ସରକାର ପକ୍ଷରୁ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। ଏହି ଦ୍ୱୟ ପୀଠ ଉନ୍ନତି କରଣ ରୂପାନ୍ତରିତ କାର୍ଯ୍ୟ ରେଢ଼ାଖୋଲ ଜନ ସାଧାରଣ ଙ୍କ ଆଶା ଓ ଆକାଂକ୍ଷାକୁ ପ୍ରିୟ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ପୂରଣ କରିଥିବାରୁ ରେଢ଼ାଖୋଲ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ପ୍ରତିକ୍ରିୟା ଦେଇଥିଲେ।








ସକାଳ THE SAKALA



# ବରଗଡ଼ର ଶାସନ ରହିବ ମହାରାଜ କଂସଙ୍କ ହାତରେ !

**ବରଗଡ଼, ୧୪।୧(ସମିସ)**



ଧନୁଯାତ୍ରା ଅବସରରେ ବରଗଡ଼ ସହର ମଥୁରା ନଗରୀ, ଅମ୍ବାପାଲି ଗୋପପୁର ଏବଂ ଜୀରା ନଦୀ ପୁରାଣବର୍ଣ୍ଣିତ ଯମୁନା ନଦୀ ଭାବରେ ରୂପାନ୍ତରିତ ହୋଇଯିବ। ସହର ସମସ୍ତ ଜନସାଧାରଣ ମଥୁରା ନଗରୀର ଜଣେ ଜଣେ ପ୍ରଜା ଭାବରେ ପରିଗଣିତ ହେବେ। ଏହି ଧନୁଯାତ୍ରା ଉଦଘାଟନ ସହ ମଥୁରା ନଗରୀ (ପରିବର୍ତ୍ତିତ ବରଗଡ଼)ର ଶାସନଭାର ମହାରାଜ କଂସଙ୍କ ହାତକୁ ଚାଲିଯିବ। ଉଗ୍ରସେନଙ୍କ ନିର୍ଦ୍ଦେଶରେ ଦେବକୀ ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣ ତଥା ଦେବକୀ-ବସୁଦେବଙ୍କୁ କାରାଗାର ପ୍ରେରଣ ଦୃଶ୍ୟ ଅଭିନୀତ ହେବ। ବରଗଡ଼ ଧନୁଯାତ୍ରାର କୌଣସି ପାଣ୍ଡୁଲିପି ନ ଥିବା ବେଳେ ମହାଭାରତ, ହରିବଂଶ ପୁରାଣ, ଶ୍ରୀମଦ୍ ଭାଗବତଗୀତା ଆଦିର ପୌରାଣିକ କଥାବସ୍ତୁକୁ ଆଧାର କରି ବରଗଡ଼ ଧନୁଯାତ୍ରାର ବିଭିନ୍ନ ଦୃଶ୍ୟ ଅଭିନୀତ ହେଉଥିବା ନେଇ ନାଟ୍ୟ ନିର୍ଦ୍ଦେଶକ ଅଶୋକ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଧନୁଯାତ୍ରା ଦର୍ଶକଙ୍କ ପାଇଁ ପୂର୍ବରୁ ମୋଦୀ ପଡ଼ିଆରେ ବହୁ ପୂର୍ବରୁ ଏକ ସର୍କସ ପ୍ରଦର୍ଶନ ଚାଲିଛି। ପରମ୍ପରା ଅନୁସାରେ, ବରଗଡ଼ ଲୋକସଭା ସାଂସଦ ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ବିଷୟରେ ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଜଣାଇଛନ୍ତି। ଜିଲ୍ଲାର ସମସ୍ତ ବିଧାୟକ ତଥା ମନ୍ତ୍ରୀଙ୍କୁ ଧନୁଯାତ୍ରା ପାଇଁ ନିମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି।

## କଂସ ଭୂମିକାରେ ହୃଷୀକେଶ, କୃଷ୍ଣ-ବଳରାମ ସମ୍ରାଟ ଓ କିଶନ

**ବରଗଡ଼, ୧୪।୧(ସମିସ):** ଚଳିତବର୍ଷ ବରଗଡ଼ ଧନୁଯାତ୍ରାରେ ଅମ୍ବାଭୋନା ବ୍ଲକ ଚିଚୋଲି ଗ୍ରାମର ହୃଷୀକେଶ ଭୋଇ ପୁଣି ଥରେ କଂସ







ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ସେହିପରି କୃଷ୍ଣ-ବଳରାମ ଭୂମିକାରେ ସମ୍ରାଟ ମହାପାତ୍ର ଓ କିଶନ କୁମାର ବିର୍ତ୍ତିଆଙ୍କ ସମେତ ରାଧା ବୈଷ୍ଣବୀ ବିର୍ତ୍ତିଆ ଅଭିନୟ କରୁଛନ୍ତି। ବରଗଡ଼ ଧନୁଯାତ୍ରା ଜାନୁୟାରୀ ୧୫ ତାରିଖରୁ ଆରମ୍ଭ ହୋଇ ଜାନୁୟାରୀ ୨୫ ତାରିଖରେ ଉଦଯାପିତ ହେବ। ୧୧ ଦିନ ଅନୁଷ୍ଠିତ ହେଉଥିବା ଏହି ଧନୁଯାତ୍ରାରେ କୃଷ୍ଣ ଜନ୍ମ ଠାରୁ କଂସ ବଧ ପର୍ଯ୍ୟନ୍ତ ବିଭିନ୍ନ ଦୃଶ୍ୟ ଖୋଲାମଞ୍ଚରେ ଅଭିନୀତ ହୋଇଥାଏ। ସେହିପରି ଚଳିତ ବର୍ଷ ବରଗଡ଼ ଧନୁଯାତ୍ରାର ଅନ୍ୟାନ୍ୟ ଭୂମିକାରେ ମହାମନ୍ତ୍ରୀ ଅକ୍ରୂର ଜଗନ୍ନାଥ ସାହୁ, ଉଗ୍ରସେନ ଆର୍ତ୍ତତ୍ରାଣ ମହାପାତ୍ର, ମହାମନ୍ତ୍ରୀ ଗୋଲାପଚନ୍ଦ୍ର ଦାଶ, ଗର୍ଗ ମୁନି ଅଇଁଠୁ ସାହୁ, ବସୁଦେବ ମନୋଜ ସାହୁ, ଦେବକୀ କନକ ଡନସେନା, ମୁଖ୍ୟ ସେନାପତି ଦୟାନନ୍ଦ ମାଝୀ, ଚାଣୁର ମୁନେଶଚାନ୍ଦ ଆଚାର୍ଯ୍ୟ, ମୁଷ୍ଟିକ ସୂର୍ଯ୍ୟପ୍ରକାଶ କର୍ଣ୍ଣ, ସେନାପତି ଚନ୍ଦ୍ରକେତୁ ସଂଗ୍ରାମ ଦେହୁରୀ, ସାତ୍ୟକି ସେବାନନ୍ଦ ନାୟକ, ନାରଦ ଲିଙ୍ଗରାଜ ଦାଶ ଅଭିନୟ କରୁଥିବା ଜଣାପଡ଼ିଛି।

## ବରଗଡ଼ରେ ବୁଲିଲା କଂସଙ୍କ ହାତୀ

**ବରଗଡ଼, ୧୪।୧(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଚଳିତ ବର୍ଷ ୭୬ ବର୍ଷରେ ପଦାର୍ପଣ କରିଛି। ଓଟ ସାଙ୍ଗକୁ ଅନ୍ୟାନ୍ୟ ରାଜକୀୟ ବାହନ ପହଞ୍ଚିଛି। ଆଜି ମହାରାଜା କଂସଙ୍କ ହାତୀ ବରଗଡ଼ରେ ପହଞ୍ଚି ରାଜାଙ୍କ ହାତୀ ଶାଳାରେ



ଶୋଭା ମଣ୍ଡନ କରିଛି। ଏହି ହାତୀକୁ ପ୍ରାୟ ଚାରି ମାସ ପୂର୍ବରୁ ଆୟୋଜକ ମାନଙ୍କ ପକ୍ଷରୁ ଅଗ୍ରୀମ ଦେଇ ବୁକିଂ କରାଯାଇଥିଲା। ପୂର୍ବରୁ ଧନୁଯାତ୍ରାରେ ଦୁଇରୁ ତିନୋଟି ହାତୀ ମହାରାଜା କଂସଙ୍କ ନଗର ପରିକ୍ରମା ସହ ମଧ୍ୟ ଦେଖିବାକୁ ମିଳୁଥିଲା। ହେଲେ ସମୟ ବଦଳିବା ସହ ଆଇନ ଅନୁସାରେ, ହାତୀ ଯୋଗାଡ କରିବା ଦୁରୁହ ବ୍ୟାପାର ହୋଇ ଗଲାଣି। ହାତୀ ପହଞ୍ଚିବା ପରେ ମଥୁରା ନଗରୀର ଅଧିବାସୀଙ୍କ ମନରେ ନୂତନ ଉତ୍ସାହ ଜାଗି ଉଠିଛି। ଏହାକୁ ନେଇ ବରଗଡ଼ ସହର ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ମହାରାଜା କଂସ, ପାତ୍ରମନ୍ତ୍ରୀଙ୍କ ପାଇଁ ହାତୀ, ଘୋଡ଼ା ଗାଡି,

## ସରଣ୍ଡାରେ ଜେଏମ୍ଏଫ୍‌ସି କୋର୍ଟ ଗୃହର ଭିତ୍ତିପ୍ରସ୍ତର

**ବରଗଡ଼/ଅତାବିରା, ୧୪।୧(ସମିସ):** ଅତାବିରା ବ୍ଲକ୍ ଅନ୍ତର୍ଗତ ସରଣ୍ଡାଠାରେ ଅତାବିରା ଜେଏମଏଫସି କୋର୍ଟ ଗୃହ ନିର୍ମାଣ ପାଇଁ ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ସରଣ୍ଡା ଶିବ ମନ୍ଦିରର ଅପରପାର୍ଶ୍ୱରେରେ ଥିବା ପଡିଆରେ ଭୂମିପୂଜନ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ରେଜିଷ୍ଟ୍ରାର ବିଭୂକଲ୍ୟାଣ ପାଢ଼ୀ, ପରିବାର ଅଦାଲତ ଜଜ ସୁଶାନ୍ତ ପଟେଲ, ଅତାବିରା ଜେଏମଏଫସି ତଥା ଗ୍ରାମ ନ୍ୟାୟାଳୟ ଅଧିକାରୀ ଇର୍ଷିତା କେଶରବାନି ଯୋଗ ଦେଇଥିଲେ। ଅତାବିରା ଓକିଲ ସଂଘ ସଭାପତି ଦୁର୍ଯୋଧନ ଛତର, ଉପସଭାପତି ତ୍ରିପୁରାରୀ ଚାନ୍ଦ, ସମ୍ପାଦକ ହିତେନ୍ଦ୍ରିୟ ପ୍ରଧାନ, ଯୁଗ୍ମ ସମ୍ପାଦକ ଦେବାନନ୍ଦ ଦାଶ, କୋଷାଧ୍ୟକ୍ଷ ନିରୋଦ ମହାକୁର, ବରିଷ୍ଠ ସଦସ୍ୟ ବିରେନ୍ଦ୍ର ବାଙ୍କା, ତ୍ରିଲୋଚନ ବେହେରା, ବୈକୁଣ୍ଠ ମେହେର, ଉନୀ କ୍ରିଷ୍ଣନ ନାୟାର, ରବି ପଣ୍ଡା, ସମୀର ଦାଶ, ବଲ୍ଲଭ ଭୋଇ, ବିରେନ୍ଦ୍ର ତ୍ରିପାଠୀ, ବିକାଶ ମିଶ୍ର, ମନୋଜ ଷଡ଼ଙ୍ଗୀ, ଘଡି ଗୋପାଳ ପାଣିଗ୍ରାହୀ, ଧୀରେନ୍ଦ୍ର ବିଶି, ଅରବିନ୍ଦ ସୁଶାରୀ, ସାରଦାନନ୍ଦ ମିଶ୍ର, ଦିଲୀପ ସ୍ୱାଇଁ, ଅମିୟ ମହାନ୍ତି, ଦିବ୍ୟକିଶୋର ମିଶ୍ର, ରାଜେଶ ପାଣ୍ଡେ, ସମୀର ମହାପାତ୍ର, ମାନସ ରଞ୍ଜନ ତ୍ରିପାଠୀ, ଧନପତି ବାଦି, ୱାସିମ୍ ରାଜା ଖାଁ, ଯୁଧିଷ୍ଠିର ସାହୁ, ଋଷ୍ୟସୃଙ୍ଗ ବଗାର, ଆଶିଷ ମେହେର, ଅଶୋକ ପତି ଯୋଗ ଦେଇଥିଲେ।



## ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ

**ପଦ୍ମପୁର, ୧୪।୧ (ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଧୂମାଭଟା ପଡ଼ିଆରେ ଦୁଇଦିନିଆ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରିତେଶ ବହିଦାର ଧ୍ୱଜା ଅବତରଣ କରି ଆସନ୍ତା ବର୍ଷ ପାଇଁ ରାଉରକେଲା ବିଭାଗ ନିରୀକ୍ଷକଙ୍କୁ ପ୍ରଦାନ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଶିବାନନ୍ଦ ଦାଶ ସମ୍ଭାଗ ଶାରୀରିକ ପ୍ରମୁଖ ବୃତ୍ତ କଥନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମନୋଜ ପଣ୍ଡା, ଶିବପ୍ରସାଦ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଜ୍ୟୋତିରଂଜନ ମିଶ୍ର, ଆଶିଷ ରଥ, ସୁଶାନ୍ତ ପାଣିଗ୍ରାହୀ, ଲୋକନାଥ ମିଶ୍ର, ଦ୍ୱାଦଶ ପଧାନ, ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୃଥିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୫ଟି ଜିଲ୍ଲାରୁ ୨୯୮ ଜଣ ଖେଳକୁଦରେ ଭାଗ ନେଇଥିଲେ। ୩୦ ଜଣ କ୍ରୀଡ଼ା ପରିଚାଳକ ସହଯୋଗ କରିଥିବା ବେଳେ ପ୍ରାନ୍ତ ଶାରୀରିକ ପ୍ରମୁଖ ଦିଲୀପ ସାଥୁଆ ଓ ସମ୍ଭାଗ ଶାରୀରିକ ପ୍ରମୁଖ ଶିବାନନ୍ଦ ଦାଶ ପରିଚାଳନା କରିଥିଲେ। ପଦ୍ମପୁର ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା’ ଓ ପୁରାତନ ଛାତ୍ର ସଂସଦର ସହଯୋଗ ରହିଥିଲା।

## ନିଖୋଜ ବୃଦ୍ଧା ସାଲେପାଲିରୁ ଉଦ୍ଧାର



**ପାଇକମାଳ, ୧୪।୧ (ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ମଛାଳ ଗ୍ରାମରୁ ଜଣେ ବୃଦ୍ଧା ଗେଲ୍ଲେଇ ଜେନା (୬୬)ଙ୍କୁ ସାଲେପାଲି ଗାଁରୁ ଉଦ୍ଧାର କରାଯାଇଛି। ଏକ ବସରେ ସେ ନୃସିଂହନାଥକୁ ଆସିଥିଲା ବେଳେ ସେ ନିଖୋଜ ଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ସେ ନୃସିଂହନାଥରେ ଥିବା ଏକ ଟେପରୁ ପାଣି ଆଣିବାକୁ ଯାଇଥିବା ବେଳେ ଗାଡିଟି ଛାଡି ଦେଇଥିବା ଭାବି ଚାଲି ଚାଲି ୭ କିମି ଦୂର ସାଲେପାଲିକୁ ସାଢେ ୭ ଟାରେ ଆସିଥିଲେ। ସେଠାରେ ଆଜକାର ସଂଯୋଜକ ନିତ୍ୟାନନ୍ଦ ଜେନା ଫୋନ ମାଧ୍ୟମରେ ସାମ୍ବାଦିକ ସୁରଥ ସାହୁଙ୍କୁ ଜଣାଇଥିଲେ। ଶ୍ରୀ ସାହୁ ପାଇକମାଳ ଥାନା ଆଇଆଇସି ସୁଶାନ୍ତ ବଡାଇଙ୍କୁ ଜଣାଇଥିଲେ। ଗୃହରକ୍ଷୀ ରାଜେଶ ବେହେରା ଓ ଅନ୍ୟ କର୍ମଚାରୀ ନୃସିଂହନାଥର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନଥିଲେ। ପରେ ସାଲେପାଲିରେ ବୃଦ୍ଧା ଜଣକ ଥିବା ଜାଣି ତାଙ୍କୁ ପାଇକମାଳ ଥାନାକୁ ଅଣାଯିବା ସହ ପଚରାଉଚରା ପରେ ଉକ୍ତ ବସରେ ଜିମା ଦେଇଥିଲେ। ନୃସିଂହନାଥ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଥିବାରୁ ଏଠାରେ ଏକ ଫାଣ୍ଡି ସ୍ଥାପନ କଲେ ସେଠାକୁ ଆସୁଥିବା ଭକ୍ତମାନେ ସୁବିଧା ପାଇ ପାରିବେ।

## ସୁବଳ ସାହୁ ସ୍ମୃତି ଫୁଟ୍‌ବଲ: ବିଏମ୍‌ପୁର ଶ୍ରେଷ୍ଠ ଦଳ

**ବରପାଲି,୧୪।୧ (ସମିସ):** ବରପାଲି ଏଥେଲେଟିକ ଏସୋସିଏସନ ପକ୍ଷରୁ ଆୟୋଜିତ ସୁବଳସାହୁ ସ୍ମୃତି ଫୁଟବଲ ପ୍ରତିଯୋଗିତା ଫାଇନାଲରେ ଶ୍ରେଷ୍ଠଦଳ ଭାବରେ ବୀରମହାରାଜପୁର ବିବେଚିତ ହୋଇଛି। ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବରେ ବିହାର ବସ୍ତର ଦଳ ପୁରସ୍କୃତ ହୋଇଥିଲେ। କମିଟି ଅଧ୍ୟକ୍ଷ ତଥା ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳକୁ ପରିଚାଳନା କରିଥିଲେ କାର୍ତ୍ତିକ ଦାଶ, ଦେବାଶିଷ ବାଗ, ଶୁଭମ ପାତ୍ର, ଅଜୟ ପଧାନ ଏବଂ ମନୋଜ ସାହୁ। ଜାତୀୟ ହକି ପୂର୍ବତନ ଅଧିନାୟକ ଦିଲ୍ଲୀପ ତୀର୍କି, ଏସଆର ପରିଜା, ଡିଏସଓ ତୁଷାରକାନ୍ତ ମିଶ୍ର, ଏନଏସି ଅଧ୍ୟକ୍ଷ ଦିନେଶ ଗହିର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଫୁଟବଲ ଖେଳାଳି ଅଥିନ୍ଦ୍ରନାଥ ସେନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ଖେଳ ପଡିଆରେ ନବନିର୍ମିତ ଦ୍ୱିତୀୟ ଦର୍ଶକ ଗ୍ୟାଲେରି ଅତିଥିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ମାନସ ଏକାଡେମୀ ପକ୍ଷରୁ କୁନିକୁନି ଛାତ୍ରୀ କଳାକାରଙ୍କୁ ନେଇ ନୃତ୍ୟ ପରିବେଷିତ ହୋଇଥିଲା। ସାଙ୍ଗଠନିକ ସମ୍ପାଦକ ସୌରଭ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସଭାକାର୍ଯ୍ୟରେ ଏଥେଲେଟିକ ଏସୋସିଏସନ ସଭାପତି ଉପଗୁପ୍ତ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅଶୋକ ପଣ୍ଡା ଓ ମଧୁମଙ୍ଗଳ ମିଶ୍ର ସଂଯୋଜନା କରିଥିଲେ।



## ଜିଲ୍ଲାସ୍ତରୀୟ ବ୍ରାହ୍ମଣ ସମାଜ ମହାସଭା



**ବରପାଲି,୧୪।୧ (ସମିସ):** ବରପାଲି ଯୋଗିମୁଣ୍ଡା ଶିବ ମନ୍ଦିର ପରିସରରେ ବରଗଡ ଜିଲ୍ଲାସ୍ତରୀୟ ବ୍ରାହ୍ମଣ ସମାଜ ମହାସଭା ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗାୟତ୍ରୀ ଦେବୀ ଓ ଭଗବାନ ପର୍ଶୁରାମଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ ପରେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାସଭାରେ ଅଖିଳ ଓଡ଼ିଶା ବ୍ରାହ୍ମଣ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ଦାଶ, ବରଗଡ଼ ଜିଲ୍ଲା ସଭାପତି ଗୋପବନ୍ଧୁ ଦାଶ, କୀର୍ତ୍ତିଚନ୍ଦ୍ର ପଣ୍ଡା, ବରପାଲି ଶାଖା ସଭାପତି ପିନାକୀ ଦାଶ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବରଗଡ଼ ଜିଲ୍ଲାର ୧୦ଟି ବ୍ଲକରୁ ପ୍ରାୟ ଆଠ ଶହ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ପଣ୍ଡିଥ ଡ. ସରୋଜ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମେଘନାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ସଦାନନ୍ଦ ଦାଶ ଧନ୍ୟବାଦ ଦେଇଥିବା ବେଳେ ବାଲ କିଶୋର ଖାଡଙ୍ଗା ସଂଯୋଜନା କରିଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ପାଇକମାଳ, ୧୪।୧ (ସମିସ) :** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଓଡ଼ିଶା ସରକାରଙ୍କ ପ୍ରଯୋଜିତ ଓ ବିଶ୍ୱ ଭାଷା ସମ୍ମିଳନୀ ଆୟୋଜନ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ମାଧ୍ୟମରେ ନୂଆ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଳପଦର ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ସୁକୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଗୋକୁଳାନନ୍ଦ ଡନସନା, ରାଧେଶ୍ୟାମ ପଟେଲ, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ସାତ ଦିନ ଧରି ଚାଲିବ। ବିଭାଗୀୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଅମରେଶ ଠାକୁର ଧନ୍ୟବାଦ ଦେଇଥିଲେ।

## ଭିଏସ୍‌ଏସ୍ କପ୍ କ୍ରିକେଟ୍: ଭେଉଁରିଆ ଚାମ୍ପିଅନ

**ପଦ୍ମପୁର, ୧୪।୧(ସମିସ):** ବୁଧାପାଲିରେ ଚାଲିଥିବା ୧୩ତମ ଭିଏସଏସ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୁଧାପାଲି ଦଳକୁ ହରାଇ ଭେଉଁରିଆ ଦଳ ଚାମ୍ପିଅନ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଟଙ୍କଧର ସାହୁ ମୁଖ୍ୟଅତିଥି ଏବଂ ଦୁଷ୍ମନ୍ତ ପଟେଲ, ମନୋଜ ମହାନନ୍ଦ, ଡୋଲାମଣି ପଟେଲ, ସତ୍ୟକୁମାର ତଉରଇଆ, ଧବଳେଶ୍ୱର ଭୋଇ, ସପ୍ନେଶ୍ୱର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଭେଉଁରିଆ ଦଳର ସଚିନ ମେନ ଅଫ ଦି ମ୍ୟାଚ ଓ ବୁଧାପାଲି ଦଳର ରାଜାଙ୍କୁ ମେନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଦିଲୀପ ଭୋଇ ଓ ସନମ ସାହୁ ଅମ୍ପାୟାରିଂ ଏବଂ ବାବୁ ଓ ଶୁଭମ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ବିକାଶ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। ଭିଏସଏସ କ୍ଲବର ମିଥୁନ, ଆଦିତ, କୈଳାସ, ବିକାଶ, ତୁଳସୀ, ପଦ୍ମନ, ଅନୀଲ, ବସୁ, ଦୁଷ୍ମନ୍ତ, ଗୁପ୍ତା, ସମିର ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସଭାପତି ଲୋକନାଥ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।




## ତିଲେଇମାଲ ପଞ୍ଚାୟତଗୃହ ଭିତ୍ତିପ୍ରସ୍ତର ସ୍ଥାପନ



**ବରପାଲି,୧୪।୧ (ସମିସ):** ବରପାଲି ବ୍ଲକ ତିଲେଇମାଲ ପଞ୍ଚାୟତ କାର୍ଯ୍ୟାଳୟ ଗୃହର ନବୀକରଣ ପାଇଁ ଭୂମିପୂଜନ ହୋଇଯାଇଛି। ମୁଖ୍ୟଅତିଥି ବୟନଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ସହ କାର୍ଯ୍ୟକ୍ରମରେ ସରପଞ୍ଚ ସରୋଜିନୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବିଡିଓ ପ୍ରସନ୍ନ ପାଣ୍ଡେ, ସମିତିସଭ୍ୟା ଭ୍ରମରାବତୀ ପୋଢ, ଜିଲ୍ଲା ପରିଷଦ ସଦସ୍ୟ ଅନନ୍ତ ସେଠ, ସସ୍ମିତା ପୋଢ, ରାଧେଶ୍ୟାମ ମିଶ୍ର, ଗୋପାଳ ଭୋଇ ତଥା ପଞ୍ଚାୟତର ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପରିଚାଳନା କରିଥିଲା ବେଳେ ଜିଆରଏସ, ମହିଳା ଗୋଷ୍ଠୀ, ଅଙ୍ଗନବାଡି ଓ ଆଶା କର୍ମୀ ସହଯୋଗ କରିଥିଲେ।

## ବୋଡ଼ାସମ୍ବର କ୍ରିକେଟ୍ କପ୍ | ସେଲ୍ ରାଞ୍ଚିକୁ ହରାଇ ରାଉରକେଲା ସେମିରେ

**ପଦ୍ମପୁର, ୧୪।୧ (ସମିସ)**

ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡିଆରେ ଚାଲିଥିବା ୨୮ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ କପ୍‌ର ଦ୍ୱିତୀୟ ଦିବସରେ ସେଲ ରାଞ୍ଚି ଓ ଆର୍ ସିସି ରାଉରକେଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଦଳ ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ରାଞ୍ଚି ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରାଉରକେଲା




ଗ୍ରୁପ ଏରୁ ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଅବସରରେ ଅତିଥି ଭାବରେ ପଦ୍ମପୁର ଆଦର୍ଶ ଥାନାଧିକାରୀ ମମତା ନାୟକ ଯୋଗଦାନ କରିଥିଲେ। ମ୍ୟାଚକୁ ଆମ୍ପାୟର ଚୂଡ଼ାମଣି ପାଢ଼ୀ ଓ ଅନୀଲ ଦାଶ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ୟୁନିୟନ ସ୍ପୋର୍ଟିଂ କଟକ ଓ ଏମ୍ ଏମ୍ ସି ସି ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### 'ଏ-୧' ଆଶାୟୀ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଶିବିର

# 'ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଶିଖର ଛୁଇଁବ'

**କୋଲାବିରା, ୧୪।୧(ସମିସ)**

କୋଲାବିରା ବ୍ଲକ ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଝାରସୁଗୁଡା ପକ୍ଷରୁ ଆୟୋଜିତ ଦୁଇଦିନିଆ ଏ-୧ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଓ ମୁଖ୍ୟବକ୍ତା କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ଏହା ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ଏ-୧ ଆଶାୟୀଙ୍କ ବିଭିନ୍ନ ପାଠ୍ୟକ୍ରମ ବିଷୟରେ ସନ୍ଦେହମୋଚନ ସାଙ୍ଗକୁ ପୂର୍ଣ୍ଣାଙ୍ଗ ଜ୍ଞାନ ଆହରଣ ହୋଇପାରିବ ବୋଲି ସେମାନେ କହିଥିଲେ। ଅତିଥି ଭାବରେ ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ, ବିଜ୍ଞାନ ଶିକ୍ଷା ନିରୀକ୍ଷକ ନିରୋଜ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଗିରିଧାରୀଲାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶଚ୍ଚିନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାର ଲଖନପୁର, ଝାରସୁଗୁଡା, କୋଲାବିରା, ଲଇକେରା ଏବଂ କିର୍ମିରା ବ୍ଲକରୁ ମୋଟ ୭୪ ଜଣ ଏ-୧ ଆଶାୟୀ ଛାତ୍ରଛାତ୍ରୀ ଏବଂ ୨୬ ଜଣ ପ୍ରଧାନଶିକ୍ଷକ ଯୋଗଦାନ କରିଥିଲେ। ସାଧନ କର୍ମୀ ଭାବରେ ଓଡିଆ ବିଷୟ ପାଇଁ କ୍ଷେତ୍ରପାଳ ମେହେର,




ଇଂରାଜୀ ଭାଷା ପାଇଁ ଶଚ୍ଚିନ୍ଦ୍ର ପଟେଲ, ଜୀବବିଜ୍ଞାନ ପାଇଁ ରାଜେନ୍ଦ୍ର ସାହୁ, ସାଧାରଣ ବିଜ୍ଞାନ ପାଇଁ ଲଳିତ କୁମାର ହୋତା, ଗଣିତରେ ରାଜେଶ ମେହେର, ହିନ୍ଦୀରେ ସାରିକା ତ୍ରିପାଠୀ ଓ ସଂସ୍କୃତ ବିଭାଗରେ ଭାରତୀ ଭୋଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିଲେ। ଦ୍ୱିତୀୟ ଦିନ ଉଦଯାପନୀ ଦିବସ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷ ଛୁଇଁ ପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଯୋଗଦେଇ ସଫଳତା ପାଇଁ ଯୋଜନାବଦ୍ଧ ପ୍ରୟାସ ଓ ଆବଶ୍ୟକତା ରହିଥିବା ବେଳେ ଛାତ୍ରଛାତ୍ରୀମାନେ ନିରବଚ୍ଛିନ୍ନ ଭାବରେ ପରିଶ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ଯୋଗଶିକ୍ଷା ଶିକ୍ଷକ କୈଳାସ ଚନ୍ଦ୍ର ସେନାପତି ଏବଂ ଆଶାମଞ୍ଜରୀ ଚୌଧୁରୀ ଶିବିରରେ ଯୋଗଦେଇଥିବା ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ଯୋଗ ଶିକ୍ଷାରେ ସାମିଲ କରିଥିଲେ। ଏହି ଅବସରରେ ଯୋଗ ଦେଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଛାତ୍ରୀ ରେଶମା ବେହେରା, ଅର୍ଚ୍ଚିତା ସାହୁ, ପ୍ରିୟଦର୍ଶିନୀ ମହାନ୍ତି, ସୁଶ୍ରୀ ମହାନ୍ତି ପ୍ରମୁଖ ଛାତ୍ରୀ ଏପରି କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଏପରି ଶିବିରର ଅବଧି ଅଧିକ ଦିନ ଧରି ଆୟୋଜନ କରାଗଲେ ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ମତ ପୋଷଣ କରିଥିଲେ। ବିଜ୍ଞାନ ଶିକ୍ଷା ନିରୀକ୍ଷକ ନିରୋଜ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜନ ହୋଇଥିବା ବେଳେଏହି ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## କୋଲାବିରା ଡିଗ୍ରୀ କଲେଜରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**କୋଲାବିରା, ୧୪।୧(ସମିସ):** କୋଲାବିରା ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ 'ନୂଆ-ଓ' ଓଡିଆ ଭାଷା ସାହିତ୍ୟ ପକ୍ଷରୁ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶିଲ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ରେଡକ୍ରସର ସଂଯୋଜକ ସୁରେନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ଅଧ୍ୟାପକ ସରୋଜ କୁମାର ପଟେଲ, ଡ.ନରେଶ ସାହୁ, ଲବ ପଧାନ ପ୍ରମୁଖ ଯୋଗଦେଇ ଏହି ଭାଷା ସାହିତ୍ୟର ବିକାଶ ପାଇଁ ବିଦ୍ୟାର୍ଥୀମାନଙ୍କ ଆନ୍ତରିକତାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ୧୧ ତାରିଖରୁ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଗଳ୍ପ, ରଚନା, ଓଡିଆ ଭଜନ ଗାନ, ଓଡିଆ କୁଇଜ ପ୍ରତିଯୋଗିତା, ଓଡିଆ ଲୋକନୃତ୍ୟ, କବିତା ପାଠ, ଓଡିଆ ହସ୍ତାକ୍ଷର ଆଦି ବିଭାଗ ରହିଥିବା ବେଳେ ଏହା ଆସନ୍ତା ୧୯ ତାରିଖରେ ଶେଷ ହେବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଓଡିଆ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବହୁସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରି ଓଡିଆ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଅଧ୍ୟାପକ ରୋହିତ ଖରସେଲ, ଅଧ୍ୟାପିକା ସସ୍ମିତା ବେହେରା, ରତ୍ନପୂର୍ଣ୍ଣା ଧୁରୁଆ, ନମିତା ପଟେଲ, ସରିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଅର୍ଡ଼ା ଜୁନିଅର କଲେଜ ରୌପ୍ୟଜୟନ୍ତୀ ଉତ୍ସବ

**କିର୍ମିରା, ୧୪।୧(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅନ୍ତର୍ଗତ ଅର୍ଡାସ୍ଥିତ ଜୁନିଅର କଲେଜରେ ରୌପ୍ୟଜୟନ୍ତୀ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶୈଳ ଭଇଁସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ସାହୁ, ବିଜେଡି ନେତା ଜଗନ୍ନାଥ ଜେନା, ଅଲଟ୍ରାଟେକ୍ ମହାପ୍ରବନ୍ଧକ କିଶୋର ମାଲଭିୟା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ରୀତା ବାଗ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜ ପ୍ରତିଷ୍ଠାତା ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କଲେଜରେ ଯୁକ୍ତଦୁଇ ବିଜ୍ଞାନ ବିଭାଗ ଖୋଲାଯିବାକୁ ବିଧାୟିକାଙ୍କୁ ନିବେଦନ କରାଯାଇଥିଲା। ବିଧାୟିକା ମଧ୍ୟ ଅଞ୍ଚଳବାସୀଙ୍କ ଦାବିକୁ ଯଥାର୍ଥ କହି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ସହ ରଙ୍ଗାରଙ୍ଗ ଅର୍କେଷ୍ଟ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅନେକ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ଓମ୍ ଶ୍ରୀ ଶିରିଡ଼ିସାଇ ଟ୍ରଷ୍ଟ ତରଫରୁ ସାଇପାଲିଙ୍କି ଶୋଭାଯାତ୍ରା

**ବ୍ରଜରାଜନଗର, ୧୪।୧(ସମିସ):** ଓମ୍ ଶ୍ରୀ ଶିରିଡ଼ି ସାଇ ଟ୍ରଷ୍ଟ ବ୍ରଜରାଜନଗର ଆନୁକୂଲ୍ୟରେ ମକରସଂକ୍ରାନ୍ତି ଅବସରରେ ଭବ୍ୟ ସାଇ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଇଏସଆଇ ଛକରେ କାକଡ଼ ଆଳତି ପରେ ପାଲିଙ୍କି ଶୋଭାଯାତ୍ରା ବାହାରି ତେଲେନପାଲି, ରେମଜା, ମହାବୀରନଗର, ମଣ୍ଡଳିଆ, କାଳୀନଗର ହୋଇ ମଧ୍ୟାହ୍ନରେ ବୁଢ଼ିଜାମରେ ପହଞ୍ଚିଥିଲା। ବୁଢ଼ିଜାମରେ ମଧ୍ୟାହ୍ନ ଆଳତି ପରେ ପୁଣି ପାଲିଙ୍କି ଯାତ୍ରା ବାହାରି ଗୁରୁବାର ବଜାର, ଲମଟିବାହାଲ, ବାପୁଜିନଗର କ୍ୟାମ୍ପସ ଛକ ଦେଇ ପେଟ୍ରୋଲ ପମ୍ପ, ଜ୍ୟୋତି କ୍ଲବ ହୋଇ ସନ୍ଧ୍ୟାରେ ଦୁଇ ନମ୍ବର ଠାକୁରପଡ଼ାରେ ପହଞ୍ଚିଥିଲା। ସେଠାରେ ସନ୍ଧ୍ୟା ଆଳତି ପରେ ଭବ୍ୟ ସାଇ ପାଲିଙ୍କି ଶୋଭାଯାତ୍ରା ବ୍ରଜରାଜନଗର ମୁଖ୍ୟ ମାର୍କେଟରୁ ବାହାରି ଇଏସଆଇ ଛକ ନିକଟରେ ପହଞ୍ଚିଥିଲା। ଇଏସଆଇ ଛକରେ ସାଇବାବାଙ୍କ ଶେଯ ଆରତୀ ପରେ ଯାତ୍ରା ସମାପନ ହୋଇଥିଲା। ଏହି ଅବସରରେ ବ୍ରଜରାଜନଗର ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଅନେକ ସାଇ ଭକ୍ତ ସାଇବାବାଙ୍କ ପାଲିଙ୍କି ଯାତ୍ରାରେ ସାମିଲ ହୋଇଥିଲେ।





## ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର

**ବ୍ରଜରାଜନଗର, ୧୪।୧(ସମିସ):** ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ଗତ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜପୁରସ୍ଥିତ ନେହରୁ ମେମୋରିଆଲ ସରକାରୀ ହାଇସ୍କୁଲରେ ରାଜପୁର କ୍ଲଷ୍ଟର ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ତିନିଦିନିଆ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜପୁର, ଚିଚିଣ୍ଡା ଓ ଲୋଇସିଙ୍ଗ କ୍ଲଷ୍ଟରର ମୋଟ ୫୪ ଜଣ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ସହ ଛାତ୍ରଛାତ୍ରୀ ପରୀକ୍ଷାରେ କିପରି ଭଲ ପ୍ରଦର୍ଶନ କରିବେ ସେ ନେଇ ପରାମର୍ଶ ଦେବା ଏହି ପ୍ରଶିକ୍ଷଣ ଶିବିରର ମୂଳ ଉଦ୍ଦେଶ୍ୟ ବୋଲି ରାଜପୁର କ୍ଲଷ୍ଟରର ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି। ଏହି ଶିବିରରେ ଜିଲ୍ଲା ଶିକ୍ଷା ବିଭାଗ ଯୋଜନା ସଂଯୋଜକ ଜୟନ୍ତ ବାଦୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ବେହେରା, ଅକ୍ଷୟ ନାୟକ, ସନ୍ତୋଷ ନଇ, ଅରୁଣ ସେଠ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ତିନିଦିନିଆ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

## ତାବଡ଼ା କ୍ରିକେଟ୍ କ୍ଲବ ଚାମ୍ପିଅନ

**ଦେବଗଡ଼, ୧୪।୧(ସମିସ):** ରିଆମାଳ ବ୍ଲକ ତାବଡା ଗ୍ରାମ ପଞ୍ଚାୟତର ପେଜଗୋଳା ଗ୍ରାମରେ ମା' ବିରଜା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାଇକନଗର କ୍ରିକେଟ କ୍ଲବକୁ ୧୬ ରନରେ ପରାସ୍ତ କରି ତାବଡା କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ଆୟୋଜକ ମା' ବିରଜା କ୍ରିକେଟ କ୍ଲବର ସଭାପତି ତରଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ତାବଡା ପଞ୍ଚାୟତ ସମିତି ସଦସ୍ୟା ରଞ୍ଜିତା ନାଥ ଯୋଗଦେଇ ଚାମ୍ପିଅନ ତାବଡା କ୍ରିକେଟ କ୍ଲବ ଓ ରନର୍ସଅପ୍ ପାଇକନଗର କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ତାବଡା କ୍ରିକେଟ କ୍ଲବର ଖେଳାଳି ହୃଷିକେଶ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସୁଦନ ବିଶ୍ୱାଳଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ।



## ଜୁନାଡ଼ିହିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ଝାରସୁଗୁଡ଼ା, ୧୪।୧(ସମିସ):** ବେଲପାହାଡ଼ସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀର ଜନସମ୍ପର୍କ ଓ ସାମାଜିକ ଦାଇତ୍ୱବୋଧ ବିଭାଗ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଜୁନାଡ଼ିହିଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼ ସହରର ୩୧ ଜଣ ବରିଷ୍ଠ ନାଗରିକଙ୍କ ସମେତ ପୁରୁଷ ଓ ମହିଳା ମିଶି ମୋଟ ୧୫୮ ଜଣ ଚିକିତ୍ସିତ ହେବା ସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁଶାନ୍ତ ଜଗଦଳା ଓ ବେଲପାହାଡ଼ ସହରୀ ପ୍ରାଥମିକ ଚିକିତ୍ସାଳୟର ଆୟୁଷ ଡା. ପବିତାଞ୍ଜଳି ସାହୁ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିରେ ବେଲପାହାଡ଼ ଆଞ୍ଚଳିକ ଜନକଲ୍ୟାଣ ପରିଷଦର ସଭାପତି ତେଜରାମ ପ୍ରଧାନ, ଏମଡି ଇର୍ଶାଦ, ଥବିର କାଲୋ, ଜନ୍ମେଜୟ ପ୍ରଧାନ, ପୂର୍ବତନ ପୌର ଉପାଧ୍ୟକ୍ଷା ଅନୁପମା ଭଇଁଷା, ଟିଆରଏଲ କ୍ରୋସାକି ସିଏସଆର ବିଭାଗର ଦୀପକ ସାହୁ, ବ୍ରଜବନ୍ଧୁ ଶତପଥୀ, ମିନାକ୍ଷୀ ମହାନ୍ତି, ଭାସ୍କର ରଣା, ସ୍ୱାସ୍ଥ୍ୟ କର୍ମଚାରୀ ସତ୍ୟବତୀ ମହାକୁଡ଼, ମାଳତୀ ଭଇଁଶାଳ, ସିଦ୍ଧାର୍ଥ ଠାକୁର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

**ଝାରସୁଗୁଡ଼ା, ୧୪।୧(ସମିସ):** ସ୍ଥାନୀୟ ହଂ. କଟାପାଲିସ୍ଥିତ ପିକେଏସ୍‌ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ ଦିଗ ଓ ଉପଯୋଗିତା ଉପରେ ଆଲୋକପାତ କରାଯାଇଥିଲା। ଆସନ୍ତା ଆଠଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ମାଷ୍ଟର ଟ୍ରେନର ଛଇଳି ମାଝି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ଆତ୍ମସୁରକ୍ଷା ବିଭାଗର ଉପଦେଷ୍ଟା ତଥା ସଂଯୋଜିକା ଧରିତ୍ରୀ ପଟେଲ ଓ ସହ ସଂଯୋଜକ ତଥା ଖେଳ ଶିକ୍ଷକ ବିବେକାନନ୍ଦ ପଧାନ ପରିଚାଳନା କରୁଛନ୍ତି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥଲେ।




# ଜିଲ୍ଲାସ୍ତରୀୟ କ୍ରିକେଟ୍ ଉଦ୍‌ଯାପିତ: ଗୋଲ୍ଡେନ ବଏଜ୍ ଚାମ୍ପିଅନ୍

**ଝାରସୁଗୁଡ଼ା, ୧୪।୧(ସମିସ)**

ବେଲପାହାଡ଼ କଲେଜ ନିକଟସ୍ଥ ଦୋସ୍ତାନା କ୍ରିକେଟ ପଡ଼ିଆରେ ଦୋସ୍ତାନା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨ୟ ଜିଲ୍ଲାସ୍ତରୀୟ ରେଡ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହା ଗତ ୧୦ ତାରିଖରେ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବେଲପାହାଡ଼ ଗୋଲ୍ଡେନ ବଏଜ୍ ଓ ବେଲପାହାଡ଼ ଅଜିତ ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଗୋଲ୍ଡେନ ବଏଜ୍ ଦଳ ବିଜୟୀ ହୋଇ ଚାମ୍ପିଅନସ୍ ଟ୍ରଫି ହାସଲ କରିଥିଲେ। ଚାମ୍ପିଅନ୍ ଗୋଲ୍ଡେନ ବଏଜ୍ ଦଳକୁ ନଗଦ ୩୫ହଜାର ଓ ଉପ ବିଜେତା ଅଜିତ ଏକାଦଶ ଦଳକୁ ନଗଦ ୨୫ହଜାର ଅର୍ଥ ପୁରସ୍କାର ସହିତ ଉଭୟ ଦଳକୁ ଟ୍ରଫି ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଜେଡ଼ି ନେତା ଜୟନ୍ତ ଦୀକ୍ଷିତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ରୀନା ସୁନା, ସ୍ଥାନୀୟ ପୌର କାଉନସିଲର ଅର୍ଜିନା ବେଗମ, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ବିଜେଡି ନେତା ହିତେଶ ଠକ୍କର, ଜେନାମଣି ସେଠ, ଦିଲୀପ ସାଏ, ବିଜେଡି ଜିଲ୍ଲା ଯୁବ ସମ୍ପାଦକ ତଉସିଫ ଆଲମ, ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ, ସରୋଜ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ ଦୋସ୍ତାନା କ୍ରିକେଟ କ୍ଲବର ତଉସିଫ ଆଲମ, ନସିମ ହାଇଦର, ମହମ୍ମଦ କେଫ, ସମଶେର ଆଲମ, ସାହାବ୍ ଖାନ, ଅଫତାବ ଖାନ, ଏମଡି ସାବୀର, ବିକାଶ ତନ୍ତି, ସମାସାଦ ଆଲମ୍, ଏମଡି ଅର୍ମାନ୍, ସଦାବ ଆଲମ ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରିଥିଲେ।



# ବରପାଲିରେ ସିଭିଲ ଅଦାଲତ ଗୃହର ଭିତ୍ତିପ୍ରସ୍ତର

**ବରପାଲି,୧୪।୧(ସମିସ):** ବରପାଲି ସିଭିଲ ଅଦାଲତ ନିର୍ମାଣ ପାଇଁ ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ପର୍ବ ସମ୍ପନ୍ନ ହୋଇଯାଇଛି । ରବିବାର ପୁରୁଣା ଶୀତଳଭଣ୍ଡାର ନିକଟସ୍ଥ ପଡିଆରେ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଓଡିଶା ହାଇକୋର୍ଟ କାର୍ଯ୍ୟକାରୀ ପ୍ରଧାନ ବିଚାରପତି ଏବଂ ହାଇକୋର୍ଟ ବିଲଡିଂ କମିଟି ଅଧ୍ୟକ୍ଷ ବିଆର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ନ୍ୟାୟଧୀଶ ଓଡ଼ିଶା ହାଇକୋର୍ଟ ଏବଂ ବରଗଡ ଆଡମିନିଷ୍ଟ୍ରେଟିଭ୍ ଜଜ୍ ଚିତ୍ତରଞ୍ଜନ ଦାଶ, ପ୍ରତାପ ପାତ୍ର ରେଜିଷ୍ଟାର ଜେନେରାଲ ହାଇକୋର୍ଟ, ଅଖିଳ କୁମାର ପଶ୍ଚିମକବାଟ ରେଜିଷ୍ଟାର ଭିଜିଲାନ୍ସ, ଆନନ୍ଦ ଦାଶ ଅତିରିକ୍ତ ରେଜିଷ୍ଟାର, ବରଗଡ ଜିଲ୍ଲା ଜଜ୍ ଲୁନା ମହାନ୍ତି, ବରପାଲି ଜଜ୍ ମନ୍ଦିରା ମହନ୍ତ, ବରଗଡ ଜିଲ୍ଲାପାଳ ମନିଷା ବାନାର୍ଜି, ଏସପି ପ୍ରହ୍ଲାଦ ସାଇ ମିନା ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ ।



ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ଉପସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଇଶ୍ୱର ନାଗ, ଗୋକୁଳାନନ୍ଦ ସ୍ୱାଇଁ, ପୂର୍ବତନ ସଭାପତି ତାରାପଦ ତ୍ରିପାଠୀ, ହିମାଂଶୁ ସାହୁ, ପ୍ରମୋଦ ସିଂ, ଲାଲବିକ୍ରମ ସିଂଦେଓ, ଅଚ୍ୟୁତାନନ୍ଦ ଦାଶ, ଶରତ ପାଣିଗ୍ରାହୀ, ବରିଷ୍ଠ ଆଇନଜିବୀ ଓ କର୍ମକର୍ତ୍ତା ସଦସ୍ୟ ସହଯୋଗ କରିଥିଲେ ।

## ସମାଜସେବୀ ରମେଶ ମେହେର

# ଟ୍ୱିଟ୍ କରି ସାଢ଼େ ଚାରି ହଜାରରୁ ଊର୍ଦ୍ଧ୍ୱ ସମସ୍ୟାର ସମାଧାନ

**ବରଗଡ଼, ୧୪।୧(ସମିସ)**

ସମାଜ ପାଇଁ ତ୍ୟାଗ ଏବଂ ସେବା କରିବା ପ୍ରକୃତ ମଣିଷ ପଣିଆ ବୋଲି କୁହାଯାଇ ପାରିବ । ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ କେଶରୀପାଲିର ରମେଶ ମେହେର । ରମେଶ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବାବେଳେ ନିଶା ତାଙ୍କର ଟ୍ୱିଟ୍ କରି ଲୋକଙ୍କ ସମସ୍ୟାର ସମାଧାନ କରିବା । ରମେଶ ପ୍ରତିଦିନ ସକାଳେ ବିଭିନ୍ନ ଖବରକାଗଜରେ ଖୋଜନ୍ତି ଲୋକଙ୍କ ସମସ୍ୟା ଏବଂ ସେହି ସମସ୍ୟାକୁ ନେଇ ଟ୍ୱିଟ୍ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ନେଇ ଅନୁରୋଧ କରିଥାନ୍ତି । ବର୍ଷବର୍ଷ ଧରି ଲାଗି ରହିଥିବା ସମସ୍ୟାକୁ ଟ୍ୱିଟ୍ କରି ସମାଧାନ କରିବାର ନିଶା ତାଙ୍କୁ ଘାରି ରହିଛି । ତାଙ୍କର ଏହି କାର୍ଯ୍ୟ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ 'ଟୁଇଟର ବୟ' ଭାବରେ ବେଶ୍ ପରିଚିତ । ୨୦୧୮ରୁ ଟ୍ୱିଟର ଆପ୍ ମାଧ୍ୟମରେ ବର୍ତ୍ତମାନ ପର୍ଯ୍ୟନ୍ତ ସାଢ଼େ



ଚାରି ହଜାରରୁ ଊର୍ଦ୍ଧ୍ୱ ସମସ୍ୟାର ସମାଧାନ କରି ଉଦାହରଣ ସାଜିଛନ୍ତି । ପ୍ରଥମେ ରେଢ଼ାଖୋଲ ଅଞ୍ଚଳରେ ସେ କର୍କଟ ରୋଗୀଠାରୁ ଆରମ୍ଭ କରି ମୌଳିକ ସମସ୍ୟାରୁ ବଞ୍ଚିତ ଥିବା ବ୍ୟକ୍ତି ବିଶେଷଙ୍କ ସମସ୍ୟା ଟ୍ୱିଟ୍ କରି ବିଭାଗୀୟ ଅଧିକାରୀଙ୍କଠାରୁ ସମାଧାନ କରାଇଥିଲେ । ସେହିପରି ବରଗଡ଼ ଜିଲ୍ଲାର ଜଣେ ଛୋଟ ଶିଶୁର ଚିକିତ୍ସା ପାଇଁ ରମେଶ ଟ୍ୱିଟ କରି ଆର୍ଥିକ ସହାୟତା ଯୋଗାଇ ପାରିଥିଲେ । ନିକଟରେ ବରଗଡ଼ ଜିଲ୍ଲା ଭେଡେନ ଅଞ୍ଚଳର ଜଣେ ଗୁରୁତର ରୋଗୀଙ୍କ ଚିକିତ୍ସା ସହାୟତା ପାଇଁ ଟ୍ୱିଟ୍ କରି ଲକ୍ଷାଧିକ ଟଙ୍କାର ସହାୟତା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରମେଶ ବିଭିନ୍ନ ସମୟରେ ଟ୍ୱିଟ୍ ମାଧ୍ୟମରେ ପାଣି ସମସ୍ୟା, ଭତ୍ତା ସମସ୍ୟା, ଉଚ୍ଚ ଶିକ୍ଷାରୁ ବଞ୍ଚିତ ଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇଛନ୍ତି । ନିକଟରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି, ପରିବେଶ ସୁରକ୍ଷା ତଥା ବିଭିନ୍ନ ସଚେତନ କାର୍ଯ୍ୟକ୍ରମରେ ରମେଶ ସାମିଲ ହୋଇଛନ୍ତି ।

# ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସନ୍ଦେହ ମୋଚନ ଶିବିର

**ବରଗଡ଼, ୧୪।୧(ସମିସ):** ବରଗଡ଼ ବ୍ଲକ୍ ଶିକ୍ଷାଧିକାରୀ ଏବେ ଛୁଟି ଦିନରେ ଘରେ ନ ରହି ଆଗାମୀ ଦଶମ ଶ୍ରେଣୀ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଉଛନ୍ତି । ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ବିଷୟରେ ଯାହା କିଛି ବି ସନ୍ଦେହ ରହିଯାଇଛି ସେସବୁର ସମାଧାନ ନିମନ୍ତେ ସନ୍ଦେହ ମୋଚନ ଶିବିର ନାମରେ ସ୍ୱତନ୍ତ୍ର କ୍ଲାସ୍ ଆରମ୍ଭ କରି ସଫଳ ମଧ୍ୟ ହୋଇଛନ୍ତି । ୮୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ଏଭଳି ଏକ ଶିବିର ବରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ସେବଶ୍ରୀ ଭୋଇଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଓ ଛାତ୍ରପତି ସାହୁ, ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ ମେହେର ଯୋଗ ଦେଇଥିଲେ । ରୋଜାଲିନ ମିଶ୍ର, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଝସକେତନ ସାହୁ, ଶିବଶଙ୍କର ଦାସ, ପ୍ରିୟବ୍ରତ ସାହୁ, ଲିଲିମାରାଣୀ ପାତ୍ର ଓ ଶତ୍ରୁଘ୍ନ ମହାନନ୍ଦ ସାଧନ କର୍ମୀ ଭାବେ ପିଲାଙ୍କ ସନ୍ଦେହ ମୋଚନ କରିଥିଲେ । ବାବୁଲୁ ଶତପଥୀ, ଦୀପ୍ତିମାନ ପାଣିଗ୍ରାହୀ ଓ ବୀରକିଶୋର ବାରିହା ଶିବିର ପରିଚାଳନା



### ଛୁଟି ଦିନରେ ସେବାଶ୍ରୀଙ୍କ 'ସେବା'କୁ ଧନ୍ୟବାଦ ଜଣାଇଲେ ଜିଲ୍ଲାପାଳ

କରିଥିଲେ । ଏହି ଆନ୍ତରିକ ପ୍ରୟାସ ପାଇଁ ଅଭିଭାବକଙ୍କ ତରଫରୁ କୃତଜ୍ଞତା ଜଣାଯାଇଥିଲା । ଶ୍ରୀମତୀ ଭୋଇ ଭବିଷ୍ୟତରେ ମଧ୍ୟ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ମନିଷା ବାନାର୍ଜୀ ବ୍ଲକ୍ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସଂସ୍କାର ଇଣ୍ଟର୍‌ନ୍ୟାସନାଲ ସ୍କୁଲରେ ସ୍ୱଚ୍ଛତା ରାଲି

**ବରଗଡ଼, ୧୪।୧ (ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ ସହରର ସ୍ୱଚ୍ଛତାକୁ ନେଇ ଏକ ଅଭିନବ ପଦକ୍ଷେପ ଏକ ସ୍ୱଚ୍ଛତା ରାଲି - ରୋଲ୍ ଏ ଥୋନ୍ ୨୦୨୪ ମାଧ୍ୟମରେ କରାଯାଇଥିଲା । 'ଆମ ବରଗଡ଼, ଆମର ଗର୍ବ ଓ ଏହାର ସ୍ୱଚ୍ଛତା ଆମର ଦାୟିତ୍ୱ' ଉଦ୍ଦେଶ୍ୟ ନେଇ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ କୁମାର ନାଗଭୂଷଣ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ । ପ୍ରଥମରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀ ସ୍କେଟିଂ ତଥା ସାଇକଲ ସ୍ୱଚ୍ଛତା ଉପରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ବିଶେଷ ଭାବରେ ପ୍ଲାଷ୍ଟିକ ବର୍ଜନ, ରାସ୍ତାଘାଟ ପରିଷ୍କାର ରଖିବା, ଅଳିଆ ଆବର୍ଜନା ସଠିକ ସ୍ଥାନରେ ପକାଇବା, ଶୌଚାଳୟର ବ୍ୟବହାର ଉପରେ ସଚେତନତା କରାଯାଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମେନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ୍ ସାହୁ, ସାପଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଭାଇସ ପ୍ରିନ୍ସିପାଲ ସଙ୍ଗୀତା ଶର୍ମା, ଏକାଡେମିକ କୋଅର୍ଡିନେଟର ସୀମା ସାହୁ, କୋଅର୍ଡିନେଟର ମମତା ସିହ୍ନା, ରୀତା ନାୟକଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ ସାମିଲ ହୋଇଥିଲେ ।




# ଯମୁନା କନ୍ଧୁଣୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ପରିଭ୍ରମଣ ଶିକ୍ଷା

**ପାଇକମାଳ, ୧୪।୧ (ସମିସ):** ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ୯୭ ଜଣ ଛାତ୍ରୀଙ୍କ ସହ ମୋଟ ୧୧୫ ଜଣ ସଦସ୍ୟଙ୍କ ପରିଭ୍ରମଣ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ତଥା ବାସସ୍ଥଳୀକୁ ଯାଇ ଓଡ଼ିଆ ଶିକ୍ଷୟିତ୍ରୀ ଅନିମା ରାଉତ ପରିଦର୍ଶନ କରାଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ତ୍ରିବେଣୀ ଘାଟ, ପାପକ୍ଷୟ, ମେଟାକାନୀ ମନ୍ଦିର, ପାତାଳି ଶ୍ରୀକ୍ଷେତ୍ର, ସୁବର୍ଣ୍ଣମେରୁ ମନ୍ଦିର, ରାମେଶ୍ୱର ମନ୍ଦିର, ସୁରେଶ୍ୱରୀ ମନ୍ଦିରର ଐତିହ୍ୟ ସମ୍ପର୍କରେ ଶିକ୍ଷକ ମନୋଜ ସାହୁ ଏବଂ ସେବକ ସେଠ, ସଂଗୀତା ସାହୁ ବୁଝାଇଥିଲେ । ସନ୍ଥକବି ଭୀମଭୋଇଙ୍କ ସମାଧୀ ପୀଠ, ଖଲିଆପାଲିରେ ଉଷା ଦାସ, ନମିତା ସାହୁ, ରଞ୍ଜିତା ସାହା, ସତ୍ୟଭୂଷଣ ସାହୁ ପରିଦର୍ଶନ କରାଇଥିଲେ । ପରିଚାଳନା କମିଟି ସଦସ୍ୟ ଯୋଗେନ୍ଦ୍ର ଭୋଇ ଏବଂ ଅଭିଭାବିକା ଅଞ୍ଜଳି ସେଠ ସହଯୋଗ କରିଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର, ୧୪।୧(ସମିସ):** ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ସମ୍ବଲପୁର ଶାଖା ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପାଢ଼ୀ ଏବଂ ମୁଖ୍ୟ ବକ୍ତା ଡ. ବିଭୁଦତ୍ତ ମିଶ୍ର ଯୋଗଦେଇଥିଲେ । ଡ. ମିଶ୍ର ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶବାଣୀ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ପାଢ଼ୀ ଯୁବପିଢ଼ୀ ପାଖରେ ନୈତିକଜ୍ଞାନ ଏବଂ ଧୈର୍ଯ୍ୟର ଅଭାବ ପରିଲକ୍ଷିତ ହେଉଥିବା ବିଷୟରେ କହିଥିଲେ । ନଗରସଞ୍ଚାଳକ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ ପରିଚାଳନା କରିଥିଲେ । ଡା. ବସନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ସମରେନ୍ଦ୍ର ନାୟକ କେନ୍ଦ୍ର ପରିଚୟ ଏବଂ ପଙ୍କଜିନୀ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ରାଜେଶ କୁମାର ସାହୁ ଶାନ୍ତି ପାଠ କରିଥିଲେ । ପୁଷ୍ପାରାଣୀ ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ଲଳିତ ମୋହନ, ଡ. ଜୟଦେବ ମେହେର, କେସି ପାତ୍ର ଆଦି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଲାୟନ୍ସ କ୍ଲବ ପକ୍ଷରୁ ମଧୁମେହ ପରୀକ୍ଷା ଶିବିର

**ସମ୍ବଲପୁର, ୧୪।୧(ସମିସ):** ଲାୟନ୍ସ କ୍ଲବ ଅଫ୍ ସମ୍ବଲପୁର ପକ୍ଷରୁ ସହରର ଗୋଲବଜାର ପେଟ୍ରୋଲ ପମ୍ପ ଠାରେ ଆଜି ଏକ ମାଗଣା ମଧୁମେହ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ନନ୍ଦୀ ମଲ୍ଟି ସ୍ପେସିଆଲିଟି କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ବୁଡାରାଜା ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଲୋକଙ୍କ ମାଗଣାରେ ମଧୁମେହ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା । ଏଥିରେ ମୋଟ ୧୩୦ ଜଣ ଲୋକଙ୍କ ମଧୁମେହ ପରୀକ୍ଷା କରାଯାଇଥିଲା । ଏହି ଶିବିରକୁ ପିଡିଜି ଲାୟନ୍ସ ଦେବେନ୍ଦ୍ର କୁମାର ଲାଠ ଉଦ୍‌ଘାଟନ କରିଥିଲେ । ଶିବିରକୁ ଲାୟନ୍ସ କ୍ଲବ ଅଫ୍ ସମ୍ବଲପୁର ସଭାପତି ଲାୟନ୍ସ ସଞ୍ଜୟ ଗୁପ୍ତା, ସମ୍ପାଦକ ଲାୟନ୍ସ ରାଜକିଶୋର ମୋଦି, କୋଷାଧ୍ୟକ୍ଷ ଲାୟନ୍ସ ମହେଶ ସିଂଘାନିଆ, ପ୍ରୋଜେକ୍ଟ ଚେୟାରମେନ ଲାୟନ୍ସ ମନୋଜ ସିଂଘାନିଆ, ସଭ୍ୟ ଲାୟନ୍ସ ସିଦ୍ଧେଶ ଅଗ୍ରୱାଲ, ଲାୟନ୍ସ ଶଙ୍କର ଅଗ୍ରୱାଲ, ଲାୟନ୍ସ ସୁନିଲ ମସନ, ଲାୟନ୍ସ ନବିନ ଦଲୱାନି, ଲାୟନ୍ସ ସନ୍ତୋଷ ଶର୍ମା, ଲାୟନ୍ସ ସତ୍ୟେନ ସେଠିଆ, ଲାୟନ୍ସ ରାଜେଶ ଅଗ୍ରୱାଲ,



ଲାୟନ୍ସ ବିଜୟ ସିଙ୍ଗଲା, ଲାୟନ୍ସ ମହେଶ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ନନ୍ଦୀ ମଲ୍ଟି ସ୍ପେସିଆଲିଟି କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ବୁଡାରାଜାର ମାଲିକ ଶୁଭଙ୍କର ନନ୍ଦି ଓ ତାଙ୍କର ସବୁ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ସମ୍ବଲପୁର କଳା ଏକାଡେମୀର ପୁରସ୍କାର ବିତରଣୀ ଉତ୍ସବ

# ସରୋଜ ରାଉତଙ୍କୁ କଳା ଏକାଡେମୀ ସମ୍ମାନ

**ସମ୍ବଲପୁର, ୧୪।୧(ସମିସ):** ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଠାରେ ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନ ସମ୍ବଲପୁର କଳା ଏକାଡେମୀର ୩୦ ତମ ସମ୍ବର୍ଦ୍ଧନା ତଥା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ପୌରୋହିତ୍ୟାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ନୃସିଂହ ଚରଣ ସାହୁ ଏବଂ ରାଧା ରମଣ ମୁଦୁଲି ଅତିଥି ଭାବରେ ଯୋଗଦାନ କରିଥିଲେ । ଅତିଥି ବୃନ୍ଦ ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିବା ବେଳେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ସରୋଜ ରାଉତଙ୍କୁ କଳା ଏକାଡେମୀ ସମ୍ମାନରେ ସମ୍ମାନୀତ କରିଥିଲେ । କରୁଣାକର ଶତପଥୀ ମାନପତ୍ର ପଠନ କରିଥିଲେ । କାର୍ଯ୍ୟକ୍ରମକୁ ଜ୍ୟୋତିରାଦିତ୍ୟ ମହାନ୍ତି ସଞ୍ଚାଳନ କରିଥିବା ବେଳେ ନମ୍ରତା ନାୟକ, ଆକୃତି ଦାସ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, କୁଳଦୀପ ବର୍ମା, ଆୟୁଷ୍ମାନ ଦାସ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର କଳା ଶିକ୍ଷକ ପବିତ୍ର ବେରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈଷ୍ଣୋଦେବୀ ପୀଠରେ ପ୍ଲାଷ୍ଟିକମୁକ୍ତ ସଚେତନତା

**ବରଗଡ,୧୪।୧( ସମିସ):** ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ , ମାଉଣ୍ଟ ଏକ୍ସପ୍ଲୋରର ଓ ବରଗଡ ବନ ବିଭାଗର ମିଳିତ ଉଦ୍ୟମରେ ବରଗଡ଼ ତୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପରିସରରେ ହେଉଥିବା ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ସହ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସଭାପତି ପ୍ରମୋଦ ହୋତା, ସଂପାଦକ ମୀନକେତନ ସାହୁ, ପ୍ରକୃତି ବନ୍ଧୁ ଭୁବନେଶ୍ୱର ପ୍ରଧାନ, ଗିରିଧାରୀ ତନସନା, ତୈଲୋଚନ ପ୍ରଧାନ, ପରିବେଶବିତ୍ ସଂଜୟ ଖମାରୀ, ମାଉଣ୍ଟ ଏକ୍ସପ୍ଲୋରର ଫାଉଣ୍ଡରର ଆଶୀର୍ବାଦ ମହାପାତ୍ର ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏକ ଶୋଭାଯାତ୍ରାରେ ବାହାରି ବଣଭୋଜିସ୍ଥଳ ପରିକ୍ରମା କରିଥିଲେ । ସମସ୍ତେ ୫ଟି ଦଳରେ ବିଭକ୍ତ ହୋଇ ବଣଭୋଜିସ୍ଥଳରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହିତ ସେଠାରେ ଥିବା ଶତାଧିକ ଗୋଷ୍ଠୀକୁ ସ୍ଲୋଗାନ ମାଧ୍ୟମରେ ପ୍ଲାଷ୍ଟିକମୁକ୍ତ ସଚେତନତାର ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ପୂଜା ସା, ସିମରନ ଭୋସାଗର ଓ ପାୟଲ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧରେ ଯଥାକ୍ରମେ ସୁରୁଚିସ୍ମିତା ଅଧିକାରୀ, ଅନନ୍ୟା ପ୍ରଧାନ ଓ ସୁଚରିତା ଷଡ଼ଙ୍ଗୀ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନରେ ଅନ୍ୱେଷା ଗୁପ୍ତା, ବର୍ଷା ପଟେଲ ଓ ଅମନ ଗଡତୀୟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବନାଞ୍ଚଳ ଅଧିକାରୀ ଆରତୀ ନେଗୀ, ବନପାଳ ସୁଶୀଳ



ମାଝୀ, ସୁଦୀପ୍ତ ରଥ, ସଚିକାନ୍ତ ମଲ୍ଲିକ, ଟୁମକି ମହାପାତ୍ର, ଉଶେଶ୍ୱରୀ ପ୍ରଧାନ, ଟୁମକି ମହାପାତ୍ର, ବନରକ୍ଷୀ ଶୁଭମ୍ ମହାନ୍ତି ଓ ଅନ୍ୟାନ୍ୟ ବନ କର୍ମଚାରୀଙ୍କ ସମେତ ମାଉଣ୍ଟ ଏକ୍ସପ୍ଲୋରର ସଦସ୍ୟ, ବୈଷ୍ଣୋଦେବୀ ମନ୍ଦିର ପରିଚାଳନା କମିଟିର ଶ୍ରବଣ ଲାଠ ଓ ମହେନ୍ଦ୍ର ଦାଶ, ପ୍ରକୃତିବନ୍ଧୁ ନୀଳକଣ୍ଠ ସା, ଭୁବନେଶ୍ୱର ପ୍ରଧାନ, ସଂଜୟ ଖମାରୀ, ଦିଲ୍ଲୀପଚନ୍ଦ୍ର ମହାପାତ୍ର, ଶୋଭାଚନ୍ଦ୍ର ପ୍ରଧାନ, ତୈଲୋଚନ ପଧାନ, ଗିରିଧାରୀ ତନସନା, ଜୟଶ୍ରୀ ସାହୁ, ଲିସା ପ୍ରଧାନ, ଜ୍ୟୋତି ବେହେରା, ତରଣୀ ମେହେର, ଲକ୍ଷ୍ମୀନାରାୟଣ ବନଛୋର, ସୁରେନ୍ଦ୍ର ମୋହନ ସାହୁ ଅଂଶଗ୍ରହଣ କରିଥିଲେ ।

## ତୋରା ଡିଗ୍ରୀ କଲେଜରେ ସଚେତନତା କାର୍ଯ୍ୟକ୍ରମ

# ବରିଷ୍ଠଙ୍କୁ ସମ୍ମାନ ଦେଲେ ସମାଜ ସୁଧୁରିବ

**ବରଗଡ଼, ୧୪।୧ (ସମିସ):** ତୋରା ଡିଗ୍ରି ମହାବିଦ୍ୟାଳୟରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ ଆହ୍ୱାନକ୍ରମେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଅଶ୍ୱିନୀ ପ୍ରଧାନଙ୍କ ସଭାପତିତ୍ୱରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ମାନଙ୍କୁ ସମ୍ମାନ ଦେଲେ ସାମାଜିକ ସୁଧାର ହୋଇପାରିବ ବୋଲି ଶ୍ରୀ ଝାଙ୍କର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ବରଗଡ଼ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପସଭାପତି ନିର୍ମଳ କିଶୋର କର, ସଂପାଦକ ଗୋବିନ୍ଦ ଦାଶ, ସଂଗଠନ ସଂପାଦକ କେଦାର ମିଶ୍ର ଓ ଉପଦେଷ୍ଟା ଗୌରଚନ୍ଦ୍ର କର ବକ୍ତବ୍ୟ ରଖିଥିଲେ । ସାମ୍ବାଦିକ ତୁଳସୀ ଚରଣ ଦାଶ, ସମାଜସେବୀ ଅଭିଜିତ ପ୍ରତିହାର, ବରିଷ୍ଠ ନାଗରିକ ବୈଷୟିକ ଯନ୍ତ୍ରୀ ଦେବୀ ପଟ୍ଟନାୟକ, ଅଧ୍ୟାପକ ନାରାୟଣ ଭୋଇ ସଂଚାଳନ କରିଥିବା ବେଳେ ଅଧ୍ୟାପକ ଭୀମ ପାତ୍ର, ଧନପତି ପାତ୍ର, ସନାତନ ସାହୁ, ମନୋରଞ୍ଜନ ବିଶ୍ୱାଳ, ଜୟଶ୍ରୀ ଦାଶ, କାମାକ୍ଷୀ ପାତ୍ର, ରୀତା ଭୋଇ ଓ ଆହୁରି ଅନେକ ଯୋଗ ଦେଇଥିଲେ ।




# ଦିବ୍ୟାଙ୍ଗଙ୍କ ଗହଣରେ ନବବର୍ଷ ବନ୍ଧୁ ମିଳନ

**ଝାରବନ୍ଧ, ୧୪।୧(ସମିସ):** ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଝାରବନ୍ଧ ବ୍ଲକ ଭୀମଭୋଇ ଭିନ୍ନକ୍ଷମ ସଂଘର ନବ ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ପାୱାର ଅଫ ଦିବ୍ୟାଙ୍ଗସର ସମ୍ପାଦକ ତଥା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମେଘନାଦ ସାହୁ ସଭାପତିତ୍ୱ କରିଥିବା ବେଳେ ସଙ୍ଗଠନର ମୁଖ୍ୟ ସଂଯୋଜକ ରତନ ଲାଲ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ଝାରବନ୍ଧ ମାରୱାଡି ଯୁବା ମଞ୍ଚର ଦୁର୍ଗାପ୍ରସାଦ ଅଗ୍ରୱାଲ, ବାବୁଲାଲ ଅଗ୍ରୱାଲ, ଏଚିବସ ହେଲପିଙ୍ଗ ଫାଉଣ୍ଡେସନ ସଭାପତି ଦିବାକର ଭୋଇ, ଦିବ୍ୟାଙ୍ଗ ସଂଘ ଜିଲ୍ଲା ସଭାପତି ଫକୀର ମହାନନ୍ଦ ସମେତ ଅନ୍ୟ ବ୍ଲକରୁ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଦିବ୍ୟାଙ୍ଗ ପ୍ରତି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ପଦ୍ମପୁର ଜିଲ୍ଲା ଗଠନକୁ ନେଇ ଆଲୋଚନା ହୋଇଥିଲା । ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଯାଇ ବହୁତ ଦୂରତା ଯୋଗୁଁ କାମ ସାରି ଗୋଟିଏ ଦିନରେ ଫେରିପାରୁ ନ ଥିବାରୁ ପଦ୍ମପୁର ଜିଲ୍ଲା ଦାବିକୁ ସମର୍ଥନ ଜଣାଇବେ ବୋଲି ସୂଚନା ଦେଇଥିଲେ । ବ୍ଲକ ଦିବ୍ୟାଙ୍ଗ ସଂଘ ସଭାପତି ବିଷ୍ଣୁଚରଣ ପ୍ରଧାନ ପରିଚାଳନା କରିଥିଲେ । ସମ୍ପାଦକ ନାରାୟଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।



# ସିକେ ନାଇଡୁ ଟ୍ରଫି ପ୍ରଥମ ଦିନ; ଓଡ଼ିଶା ୧୬୮ ରନ

**ସମ୍ବଲପୁର, ୧୪।୧(ସମିସ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୨୩ବର୍ଷରୁ କମ୍ ସିକେ ନାଇଡୁ କ୍ରିକେଟ ମ୍ୟାଚ ଆଜି ଆରମ୍ଭ ହୋଇଛି । ଓଡ଼ିଶା ଓ ଝାରଖଣ୍ଡ ଦଳ ମଧ୍ୟରେ ହୋଇଥିଲା । ଓଡ଼ିଶା ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ସମସ୍ତ ୱିକେଟ ହରାଇ ଓଡ଼ିଶା ୮୧ ଓଭର ୩ ବଲରେ ମୋଟ ୧୬୮ ରନ ସଂଗ୍ରହ କରିଥିଲା । ଦଳର ଶୁଭ ଶର୍ମା ୯୨ ବଲରେ ୪୬ ରନ ସଂଗ୍ରହ କରିଥିଲେ । ଯାହା ଦଳର ସର୍ବାଧିକ ରନ ରହିଥିଲା । ଝାଡ଼ଖଣ୍ଡ ଦଳର ସାହିଲ ରାଜ ଚମତ୍କାର ବୋଲିଂ କରିଥିଲେ । ୨୦ଓଭରରେ ୭ଓଭର ମେଡେନ ଦେଇଥିଲେ । ମୂଲ୍ୟବାନ ୫ ୱିକେଟ ନେଇ ଓଡ଼ିଶାର ଖେଳାଳିଙ୍କୁ ଧରାଶାୟୀ କରିଥିଲେ । ଅନ୍ୟପଟେ ଝାରଖଣ୍ଡ ଦଳର ଶିଖର ମୋହନ, ସରନ୍ଦିଜ ସିଂ ଓପନିଂ ବ୍ୟାଟିଂ କରିବାକୁ ଆସି ଉଭୟେ ୧୧ରନ ଲେଖାଏଁ ସଂଗ୍ରହ କରିଥିଲେ । ଜିଲ୍ଲା କ୍ରୀଡା ସଂଘ ଉପସଭାପତି ଦୁଲାଲ






ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦଘାଟନି ଉତ୍ସବ ହୋଇଥିଲା । ଝାରସୁଗୁଡା ବିଧାୟିକା ଦିପାଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟିପିଡବ୍ଲୁଓଡିଏଲ ସିଇଓ ଗଜାନନ କାଲେ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନିଲ ସାହୁ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, କୋଷାଧ୍ୟକ୍ଷ ଉମା ତ୍ରିପାଠି, ସୁବ୍ରତ ସାହୁ, ବିକାଶ ମିଶ୍ର, କୁନ୍ଦନ ପ୍ରଧାନ, ସୁବୋଦ ସାହୁ, ମନୋଜ ପଣ୍ଡା, ପଦ୍ମ ନାୟକ, ବିଭୂତି ଭୂଷଣ ମିଶ୍ର, ଅବଦୁଲ ଗଫାର, ଗୋପାଳ ନନ୍ଦ, ରାଜେଶ ସେଠ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୈଦିକ ସ୍କୁଲରେ ସତ୍‌ସଙ୍ଗ

# ଶାରୀରିକ ଓ ମାନସିକ ପରିବର୍ତ୍ତନର ମାଧ୍ୟମ

**ସମ୍ବଲପୁର, ୧୪।୧(ସମିସ)**

ଶାସନ ପାବପାଲି ବୈଦିକ ଇଣ୍ଟରନେସନାଲରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମାନବିକ ମୂଲ୍ୟବୋଧ ଆଧାରିତ ଏକ ଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ 'ସ୍କୁଲ ସତସଙ୍ଗ' ଅତି ଆଡମ୍ବରର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଆର୍ଟ ଅଫ ଲିଭିଂ ବାଙ୍ଗାଲୁରୁର ଆଧ୍ୟାତ୍ମିକ ସଙ୍ଗୀତଜ୍ଞ ନୀତିନ ଦାୱର ଯୋଗଦାନ କରିଥିଲେ। ଆଧୁନିକ ସମାଜରେ ସତସଙ୍ଗର ମହତ୍ୱ କଣ ଏବଂ ଆଜିର ଦିନର ସତସଙ୍ଗ କରିବା ଦ୍ୱାରା ଆମ ମନ ଓ ଶରୀରରେ କି ପ୍ରକାରର ପରିବର୍ତ୍ତନ ଆସିପାରିବ ସେ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଏହା ସହ କିପରି ନିଜକୁ ନକାରାତ୍ମକ ଚିନ୍ତାଧାରାରୁ ଦୁରେଇ ରଖିବା ସେ ବିଷୟରେ ଆଲୋକପାତ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଶ୍ରୀ ନୀତିନ ଜୀ ସତସଙ୍ଗରେ ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲ ସତସଙ୍ଗ ଦ୍ୱାରା ମଣିଷ କିପରି ନିଜକୁ ଓ ସମାଜକୁ ପରିବର୍ତ୍ତନ କରିପାରିବ ଏବଂ ଏକ ପାରିବାରିକ ଜଞ୍ଜାଳରୁ ଚିନ୍ତାମୁକ୍ତ ହୋଇ ଆଗକୁ ବଢ଼ିପାରିବ ତଥା ଜଣେ ଛାତ୍ର ଜୀବନରେ ଏହା କିପରି ମହତ୍ୱପୂର୍ଣ୍ଣ ସେ ବିଷୟରେ କହିଥିଲେ। ମଣିଷ ଜୀବନରେ ପ୍ରେରଣାର ବହୁ ଗୁରୁତ୍ୱ ରହିଛି। ଯଦି ସେ ସତକର୍ମ ଲାଗି ପ୍ରେରଣା ଲାଭ କରେ ତେବେ ତାର ଜୀବନରେ ଉନ୍ନତି ଲାଭର ପଥ ପରିଷ୍କାର ହୋଇଥାଏ। ଆଉ ଏହି ସକାରାତ୍ମକ ପ୍ରେରଣା ସତସଙ୍ଗ ଦ୍ୱାରା ପ୍ରାପ୍ତ ହୋଇଥାଏ ବୋଲି ଅତିଥି କହିଥିଲେ। ପରିବାର ସହ ଦୂରତା ହଟାଇବା, ଦୁଃଚିନ୍ତା ପରିତ୍ୟାଗ କରି ସତକର୍ମ ଆଡକୁ ଆଗେଇଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ପ୍ରାୟ ୪ ଘଣ୍ଟା ଧରି ଏ କାର୍ଯ୍ୟକ୍ରମଟି ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ସତସଙ୍ଗରେ ପ୍ରାୟ ୫୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦାନ କରିଥିଲେ। ପ୍ରଥମ ଥର ପାଇଁ ଏ ପ୍ରକାରର ଏକ ଅଭିନବ ପ୍ରୟାସ 'ସ୍କୁଲ ସତସଙ୍ଗ' କରିଥିବାରୁ ବୈଦିକ ଇଣ୍ଟରନେସନାଲ ସ୍କୁଲକୁ ସମସ୍ତେ ପ୍ରଶଂସା କରିଛନ୍ତି।






# ଜନସମୀକ୍ଷା ସାପ୍ତାହିକ ଖବର କାଗଜର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୪।୧(ସମିସ):** ଜନସମୀକ୍ଷା ସାପ୍ତାହିକ ଖବର କାଗଜର ୪୪ତମ ବାର୍ଷିକ ଉତ୍ସବ ସମ୍ବଲପୁର ସାମ୍ବାଦିକ ଭବନ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ସବିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥି ହେମନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବରେ ସୁନ୍ଦରଗଡ଼ର ସାହିତ୍ୟିକା ପ୍ରତିମା ମିଶ୍ର, ଶଶି ଭୂଷଣ ତ୍ରିପାଠୀ, ଗୋପୀନାଥ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ସମସ୍ତ ଅତିଥି ଗଣ ଜନସମୀକ୍ଷା ପତ୍ରିକାର ପ୍ରକାଶକ ଏବଂ ସମ୍ପାଦିକାଙ୍କୁ ପ୍ରଶଂସା କରିଥିଲେ। ପରେ ମମତା ନାଥଙ୍କ ପରିଚାଳନାରେ ଅନେକ କବି, କବିୟତ୍ରୀମାନେ କବିତା ପାଠ କରିଥିଲେ। ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା। ସୁଶ୍ରୀ ରାସେଶ୍ୱରୀ ପାଣିଗ୍ରାହୀ, ଶ୍ରୀଯୁକ୍ତ ସୁବାସ ପାଣିଗ୍ରାହୀ, ହେମନ୍ତ ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀଙ୍କୁ ସମ୍ମାନୀତ କରାଯାଇଥିଲା। ଗୁଣନିଧି ସାଲିମା, ବିଭୁତି ମିଶ୍ର, ବିଚିତ୍ରା ବାଗ, ମମତା ନାଥ, ଡ. ପ୍ରତିମା ମିଶ୍ର, ସକ୍ଷମା ପ୍ରଧାନ, ସବିତା ମିଶ୍ର, ଗୋପିନାଥ ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ପ୍ରଧାନ, ଅରୁଣ କମାର ଦାଶ, କମଲ ଲୋଚନ ପଣ୍ଡା, ସନତ କୁମାର ପଣ୍ଡା ସୁନ୍ଦର କବିତା ପାଠ କରିଥିବାରୁ କବିୟତ୍ରୀ ଓ କବିମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପରେ ପ୍ରିୟାନ୍ସୀ ଘିୱାଲା ଗୀତା ପାଠ କରିଥିଲେ। ସଂସ୍କୃତି ତ୍ରିପାଠୀ ଓ ଅର୍ଚ୍ଚନା ପାଣ୍ଡିଆ, ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସିଦ୍ଧେଶ୍ୱରୀ ଧର୍ମ ସମ୍ପାଦକ ସୁମନ୍ତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବିକାଶ-ମିଡିଆ ଏକାଦଶ କ୍ରିକେଟ ମ୍ୟାଚ

**ସମ୍ବଲପୁର, ୧୪।୧(ସମିସ)** ସମ୍ବଲପୁର ଶାସନସ୍ଥିତ ଦି ବିକାଶ କନସେପ୍ଟ ସ୍କୁଲ ଖେଳ ପଡ଼ିଆରେ ଆଜି ବିକାଶ ସ୍କୁଲ ଓ ସମ୍ବଲପୁର ମିଡ଼ିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ପରିଚଳାନା ନିର୍ଦ୍ଦେଶକ ଜି ଭାସ୍କର ରାଓ ଯୋଗ ଦେଇ ମ୍ୟାଚ ଉଦଘାଟନ କରିଥିଲେ। ଟସ୍ ଜିଣି ମିଡିଆ ଏକାଦଶ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବିକାଶ ଏକାଦଶର ପକ୍ଷରୁ ଶିଶିର ଓ ପ୍ରିୟବ୍ରତ ବ୍ୟାଟିଂ କରିବାକୁ ଆସି ଆରମ୍ଭରୁ ଧିମା ଖେଳିଥିଲେ। ମିଡ଼ିଆ ଏକାଦଶର ଘାତକ ବୋଲିଂରେ ନିର୍ଦ୍ଧାରିତ ୧୨ ଓଭରରେ ୬ ବିକେଟ ହରାଇ ୭୪ରନ କରିଥିଲା। ମିଡିଆ ଏକାଦଶର ବୋଲର ଚୈତନ୍ୟ ନାୟକ ଘାତକ ବୋଲିଂ କରିଥିଲେ। ୩ ଓଭରରେ ୧୧ ରନ ଦେଇ ୩ ଟି ୱିକେଟ ନେଇଥିଲେ। ସେହିପରି ଶୁଭାଶିଷ ପାଢ଼ୀ ୨ ଓ ମଳୟ ପରିଡ଼ା ୨ ୱିକେଟ ନେଇଥିଲେ। ବିକାଶ ସ୍କୁଲ ଦଳର ଶିଶିର ୧୩ ରନ୍ ଓ ଲକ୍ଷ୍ମୀ ପ୍ରସାଦ ଦାସ ୧୬ ରନ କରଥିଲେ। ୭୫ ରନ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ମିଡ଼ିଆ ଏକାଦଶ ପକ୍ଷରୁ ଜ୍ୟୋତିଷ ମହାନ୍ତି ୧୮ଟି ବଲ ଖେଳି ୨୦ ରନ୍ ବାଦ୍‌ଶାହା ଜୁସମନ୍ ରାଣା ଦଳ ପକ୍ଷରୁ ସର୍ବାଧିକ ୨୪ ବଲରେ ୩୩ ରନ୍ ସଂଗ୍ରହ କରିଥଲେ। ଶୁଭାଷିସ ପାଢ଼ୀ ୪ ରନ କରି ଆଉଟ୍ ହୋଇଥିଲେ। ମିଡ଼ିଆ ଏକା ଦଶ ୧୦ ଓଭରରେ ୨ଟି ହରାଇ ମ୍ୟାଚ୍‌କୁ ୮ ୱିକେଟରେ ସହଜ ବିଜୟ ହୋଇଥିଲା। ପ୍ରେସ ବ୍ଲକ ସଭାପତି ତ୍ରିବିକ୍ରମ ପ୍ରଧାନ, ସମ୍ପାଦକ ଭବାନୀଶ ଭୋଇ, ବରିଷ୍ଠଖବରଦାତା ଶିବପ୍ରସାଦ ମେହେର, ପ୍ରମେୟ ସମ୍ବଲପୁର ସଂସ୍କରଣ ଡିଜିଏମ ଶ୍ୱେତ ପ୍ରଧାନ ଅତିଥିଭାବେ ଯୋଗ ଦେଇ ଉତ୍ସାହିତ କରହିଥିଲେ।



**ମିଡିଆ ଏକାଦଶର ସହଜ ବିଜୟ**

# ଦ୍ୱିତୀୟ ଅନ୍ଧାରପାଟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

**ହୀରାକୁଦ ୧୪।୧(ସମିସ)** ହୀରାକୁଦ ଲରପଙ୍କ ଅନ୍ଧାରପାଟ ଖେଳ ପଡ଼ିଆରେ ଦ୍ୱିତୀୟ ଭଲିବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ପ୍ରତିଯୋଗିତା ଟି ଅନ୍ଧାରପାଟ ଆଥଲେଟିକ ଆସୋସିଏସନ ଲରପଙ୍କ, ୟୁଏସଇ ଫାଉଣ୍ଡେସନ, ଲାୟନ୍ସ କ୍ଲବ ଗୋଶାଳାର ମିଳିତ ଆନୁକୂଲ୍ୟରେ ହୋଇଥିଲା। ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଲଚିଡା, ରେଲୱେ ଏ, ରେଲୱେ ବି, ଅନ୍ଧାରପାଟ ଏଥେଲାଟିକ ଏସୋସିଏସନ, ରିକ୍ସାପଡ଼ା, ଧମା, ଆଇ ଟି ଆଇ ହୀରାକୁଦ ଓ କଣଖିଣ୍ଡା। ଗତକାଲିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲାୟନ ପ୍ରବୀଣ ଅଗ୍ରୱାଲ, ଲାୟନ ପଦ୍ମଚରଣ ନାୟକ, ସମ୍ମାନନୀୟ ଅତିଥି ଭାବେ ଲାୟନ ... ଗୟାଲ, ଲାୟନ ବ୍ରିଜମୋହନ ଅଗ୍ରୱାଲ, ଲାୟନ ଜ.କ ସିଂ, ଲାୟନ ଉ. ଜ ଦାସ, ଅନ୍ୟାନ୍ୟ ଲାୟନ୍ସ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ। ହନୁମାନ ମନ୍ଦିରକମିଟି ସଭାପତି ହେମଲାଲ ଚୌହାନ, ଦିଲୀପ ପ୍ରଧାନ, ଗୌରାଙ୍ଗ ବେହେରା, ମଙ୍ଗଳୁରାମ ଚୌହାନ, ପ୍ରମୋଦ ଚୌହାନ, ଭିକାରି ଓରାମ, ଜିଲ୍ଲା ବିଜେଡି ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ବିକାଶ ଅଗ୍ରୱାଲ ଓ ଗୋପ ଦାସ ଯୋଗ ଦେଇଥିଲେ। ଆଜିର ଫାଇନାଲ ମ୍ୟାଚ ଜିଗ୍ ଜାଗ କ୍ଲବ ଓ ଲଚିଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥରେ ଲାଚିଦା ଦଳ ୨-୦ରେ ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହୀରାକୁଦ ଏସଡିପି ସତ୍ୟବ୍ରତ ଦାସ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ସକାଳ ସମ୍ବଲପୁର ଶାଖା ପରିଚାଳକ ନରୋତ୍ତମ ଗୁରୁ, ଗୁଣମଣି ବିଶ୍ୱାଳ, ପ୍ରଦୀପ ପଣ୍ଡା, ଲଳିତ ପାଇକରାୟ, ସନ୍ତୋଷ ହସ୍ତୀ, ହୀରାକୁଦ କ୍ରୀଡା ସଂସଦ କାର୍ଯକାରୀ ସଭାପତି ସଚୀକାନ୍ତ ମିଶ୍ର, ସମ୍ପାଦକ ପ୍ରତାପ ତାଣ୍ଡି ଯୋଗଦାନ କରିଥିଲେ। ସଞ୍ଜୟ କୁମାର ବଲ, ତୁଷରାମ ପ୍ରଧାନ, ସୁଶାନ୍ତ ପଟେଲ ଧାରବିବରଣି କରିଥିଲେ। ମନହରଣ ଚୌହାନ ଓ ଏହି ଅବସରରେ ଅନ୍ଧାରପାଟ ଏଥେଲେଟିକର ସଭାପତି ଭୀମସେନ ଆଇନ, ଉପସଭାପତି ଜଗନ୍ନାଥ ଓରାମ, ଖଗେଶ୍ୱର ନାୟକ, ସମ୍ପାଦକ ମୁକେଶ ଚୌହାନ, କୋଷାଧକ୍ଷେ ସୁଧୀର ତରିଆ ଓ ସୁନିତ ଖେସ, ମାନସ ପାତ୍ର, ପଦ୍ମନାଭ ଢ଼ଙ୍ଗଚୌହାନ, ରାଧାକାନ୍ତ ଭାଇ, ପ୍ରୀତମ ଚୌହାନ, ଜମେଶ ମହାପାତ୍ର, ଅରୁଣ ଚୌହାନ, ଦୀପକ ଭାଇନା, ବିଶ୍ୱଜିତ, ସଞ୍ଜୟ ମିର୍ଧା, ରାହୁଲ ଟପ୍ପ, ଅମର ଓରାମ, ସନୁ ମାଝୀ, ରୁଦ୍ର, ସମ୍ୟ ପିଣ୍ଟୁ, ହର୍ଷିତ ଚୌହାନ, ଅନିଶ ଚୌହାନ, ଲକି, ଆକାଶ ଓରାମ, ଅମିତ ଓରାମ ଓ ସମ୍ପାଦକ ସୁନୀଲ ଅଗ୍ରୱାଲ( ଲାୟନ୍ସ କ୍ଲବ ସମ୍ଭବ ପ୍ରୟାସ )"ଏହି ପ୍ରତିଯୋଗିତା ଟି କାର୍ଯ୍ୟକାରୀ ସଭାପତି ଉମାଶଙ୍କର ଗୌଡ଼ଙ୍କ ଅଧକ୍ଷତାରେ କରିଥିଲେ।




DADLS-77

ଓଡ଼ିଶା ସରକାର



**ବ୍ୟାସକବି ଫକୀର ମୋହନ ସେନାପତିଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ଅପରାହ୍ନ - ୩ ଘଟିକା** | **ଜୟଦେବ ଭବନ**

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ

ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

**ସନ୍ଧ୍ୟା ଘ.୫.୩୦ମିନିଟ** | **ସାଧାରଣ ସଭା**

ସଭାପତି – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର**, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ

ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ**, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ

ସମ୍ମାନନୀୟା ଅତିଥି – **କସ୍ତୁରୀ ମହାପାତ୍ର**, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା – **ଡ଼ଃ ସଂଘମିତ୍ରା ମିଶ୍ର**, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା

ପ୍ରାରମ୍ଭିକ ବକ୍ତବ୍ୟ – **ଡ଼ ବିରାଜ ମୋହନ ଦାସ**, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ଉପସଂହାର ବକ୍ତବ୍ୟ – **ଶ୍ରୀଯୁକ୍ତ ଜୀବନ ମହାପାତ୍ର**, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

**ଇଟିକିଲି ମିଟିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0250/2324


# ମହାନଗର ପରିକ୍ରମା କରୁଛି ଅର୍ପଣ ରଥ

**ସମ୍ବଲପୁର, ୧୪।୧ (ସମିସ) :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ସାଙ୍ଗକୁ ହରିବୋଲ ହୁଳହୁଳିରେ ପରିବେଶ ଆଧ୍ୟାତ୍ମିକ ହୋଇଉଠୁଛି। ତେବେ ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବାକୁ ଥିବା ପରିକ୍ରମା ପ୍ରକଳ୍ପରେ ହୁଏତ ସମସ୍ତେ ଯୋଗ ଦେଇପାରିବେ ନାହିଁ। କିନ୍ତୁ ଅର୍ପଣ ରଥ ମାଧ୍ୟମରେ ଅକ୍ଷତ ଅରୁଆ ଚାଉଳ ଓ ଗୁଆ ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପଠାଇ ନିଜକୁ ଧନ୍ୟ ମନେ କରୁଛନ୍ତି। ତେବେ ଅନେକ ଅଞ୍ଚଳରେ ରଥ ପରିକ୍ରମା ଶେଷ ହୋଇଥିବା ବେଳେ ଆଉ କିଛି ଅଞ୍ଚଳରେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିଭଳି ସମ୍ବଲପୁର ମହାନଗର ଓ ପଞ୍ଚାୟତ ତଥା ଗ୍ରାମରୁ ଚାଉଳ ଏବଂ ଗୁଆ ସଂଗ୍ରହ ସରିଛି। ଜାନୁୟାରୀ ୧୬ ତାରିଖ ଅର୍ପଣ ରଥ ବୁଲିବା ଶେଷ ଦିନ ରହିଛି। ସମ୍ବଲପୁର ମହାନଗର ନିଗମ ବିଭିନ୍ନ ୱାର୍ଡ ଗୁଡିକରେ ଆଜି ପଞ୍ଚମ ଦିନରେ ମଧ୍ୟ ଅର୍ପଣ ରଥ ବୁଲିଛି। ରଥ ଆଗରେ ଭଜନ, କୀର୍ତ୍ତନ୍ୟ, ଘଣ୍ଟଶଙ୍ଖ, ବାଜା ବଜାଇ ପଡ଼ା ଗୁଡିରେ ସ୍ୱାଗତ କରାଯାଇଥିଲା। ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ରଖି ପୂଜା ଅର୍ଚ୍ଚନା କରିଥିଲେ। ଫୁଲ, ଦୁବ ନଡିଆ ଦେଇ ପୂଜା କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ଅରୁଆ ଚାଉଳ, ଗୁଆ ଦେଉଥିଲେ ଜଗନ୍ନାଥପ୍ରେମୀ। ଭକ୍ତିମୟ ଓ ଭାବାବେଗ ପରିବେଶରେ ପରିକ୍ରମା କରୁଛି ଅର୍ପଣ ରଥ। ଆଜି ୱାର୍ଡ ନଂ. ୭, ୧୩, ୧୪, ୨୫, ୨୮, ୩୭, ୪୧ ମୋଟ୍ ୭ ଗୋଟି ୱାର୍ଡ଼ର ଗ୍ରାମ ଓ ପଡ଼ା ଗୁଡିକ ରଥ ବୁଲିଥିଲା।




